



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୬ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 October 2025

Vol.No. 36 ■ No.272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ନୂଆପଡ଼ା ଉପନିର୍ବାଚନ

# ସ୍ନେହାଙ୍ଗିନୀ ଛୁରିଆ ହେଲେ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର, ୧୫/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ବୁଧବାର ସନ୍ଧ୍ୟାରେ ପ୍ରାର୍ଥୀ ଘୋଷଣା କରିଛି। ନୂଆପଡ଼ା ନିର୍ବାଚନ ପାଇଁ ସ୍ନେହାଙ୍ଗିନୀ ଛୁରିଆ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି। ସ୍ନେହାଙ୍ଗିନୀ ବର୍ତ୍ତମାନ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଅଛନ୍ତି। ପ୍ରାର୍ଥୀ ଘୋଷଣା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଛୁରିଆ କହିଛନ୍ତି, ବିଜୁ ଜନତା ଦଳ ତରଫରୁ ଦଳୀୟ ସଭାପତି ନବୀନ ପଟ୍ଟନାୟକ ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ତାଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି। ମୋ ଉପରେ ସେ ଭରସା କରିଛନ୍ତି। ଦଳ ପାଇଁ, ନୂଆପଡ଼ା ପାଇଁ ଓ ରାଜ୍ୟବାସୀଙ୍କ ପାଇଁ କାମ କରିଛି। ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ ୪ବର୍ଷ କାମ କରିଛି। ଏହି ନିର୍ବାଚନ ପାଇଁ ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମାଗୁଛି। ସେମାନେ ମୋତେ ବିଜୟୀ କରିବେ ବୋଲି ଆଶା କରୁଛି। ନୂଆପଡ଼ାର ପ୍ରତ୍ୟେକ ସୁଖ ଓ ଦୁଃଖ ସମୟରେ ତାଙ୍କର ସହିତ ରହିବି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନୂଆପଡ଼ାବାସୀଙ୍କର ସେବା କରିବି। ସୂଚନାଯୋଗ୍ୟ ଯେ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲ୍ଲା ଅତାବିରା ନିର୍ବାଚନ ମଣ୍ଡଳୀରୁ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ। ୨୦୨୪



ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ନିହାର ମହାନନ୍ଦଙ୍କ ଠାରୁ ପରାସ୍ତ ହୋଇଥିଲେ। ନୂଆପଡ଼ା ଉପନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖାଯାଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ଏଠାରେ ମତଦାନ ଗ୍ରହଣ କରାଯିବାକୁ ଥିବା ବେଳେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଆସନ୍ତାକାଲି ବିଜେପିର ପ୍ରାର୍ଥୀ ଜୟ ଢୋଲକିଆ ପ୍ରାର୍ଥୀପତ୍ର ଦାଖଲ କରିବେ। ସେହିପରି କଂଗ୍ରେସର ପ୍ରାର୍ଥୀ ଘାସିରାମ ମାଝୀ ୧୮ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରିବେ।

# ଆସନ୍ତାକାଲି ନାମାଙ୍କନପତ୍ର ଦାଖଲ କରିବେ ଜୟ ଢୋଲକିଆ



ନୂଆପଡା/ ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟୀ ସଂସଦୀୟ ବୋର୍ଡ ତରଫରୁ ଆଜି ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି । ଦଳୀୟ ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ ଆସନ୍ତା କାଲି ନାମାଙ୍କନ ପତ୍ର ଦାଖଲ କରିବେ । ଆସନ୍ତା କାଲି ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ ସରପଂଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ । ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ । ଏହି ଅବସରରେ ହଜାର ହଜାର କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ଗହଣରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି ।

# ୨୧ ନୁହେଁ ୨୦ ତାରିଖରେ ଦୀପଦାନ ଓ ପୟାଶ୍ରାଦ୍ଧ ହେବ ବୋଲି ସ୍ପଷ୍ଟ କରିଛି ମକ୍ତିମଣ୍ଡପ

ପୁରୀ, ୧୫/୧୦ : (ନି.ପ୍ର) ଦୀପାବଳି କେଉଁ ଦିନ ପାଳିବ, ଏହାକୁ ନେଇ ପାଞ୍ଜିରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭା । ୨୧ ନୁହେଁ ୨୦ ତାରିଖରେ ଦୀପଦାନ ଓ ପୟାଶ୍ରାଦ୍ଧ ହେବ ବୋଲି ସ୍ପଷ୍ଟ କରିଛି ମକ୍ତିମଣ୍ଡପ । କିଛି ପଞ୍ଜିକାରେ ଦୀପାବଳି ୨୦ ତାରିଖ ରହିଥିବା ବେଳେ ଆଉ କିଛି ପଞ୍ଜିକାରେ ୨୧ତାରିଖ ରହିଛି । ଏହାକୁ ନେଇ ଥିବା ଦ୍ୱନ୍ଦ୍ୱକୁ ଦୂର କରିଛି ଶ୍ରୀମନ୍ଦିର ମୁକ୍ତିମଣ୍ଡପ ମହାସଭା । ୨୧ ତାରିଖ ନୁହେଁ ବରଂ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ ହେବ ବୋଲି ସ୍ପଷ୍ଟ କରିଛି ମୁକ୍ତିମଣ୍ଡପ ପଣ୍ଡିତ ସଭା । ମୁକ୍ତିମଣ୍ଡପ ସଭାର କହିବା ଅନୁସାରେ, ୨୦ ତାରିଖ ଦିନ ୩ଟା ୨୩ଠାରୁ ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହିଛି । ଶାସ୍ତ୍ର ଅନୁସାରେ ଅମାବାସ୍ୟା ଦଣ୍ଡଟିଏ ଅର୍ଥାତ ୨୪ ମିନିଟ ନଥିବ ତେବେ ସେଦିନ ପାଳନୀୟ ନୁହେଁ । ସୂର୍ଯ୍ୟାସ୍ତ ଅନୁସାରେ ଦଣ୍ଡ ଗଣତି ହୋଇଥାଏ, ୨୧ ତାରିଖରେ ଅମାବାସ୍ୟା ମାତ୍ର ୧୪ ମିନିଟ ରହିଛି, ତେଣୁ ୨୦ ତାରିଖରେ ହିଁ ଦୀପଦାନ ଓ ଶ୍ରାଦ୍ଧ ହେବ । କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ



କୁମାର ମିଶ୍ର, ଉପସଭାପତି ଉମାବଲ୍ଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗା ପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିଦ ନୀଳମାଧବ ଦାସ, ଜ୍ୟୋତିର୍ବିଦ ଜ୍ୟୋତି ପ୍ରସାଦ ଦାସ ପ୍ରମୁଖ ସାଲବେଗ ସ୍ମୃତି ପୀଠ ସଭାଗୃହରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ୨୧ ତାରିଖ ବଦଳରେ ୨୦ ତାରିଖରେ ସରକାରୀ ଛୁଟି କରିବାକୁ ମୁକ୍ତିମଣ୍ଡପ ସଭା ଦାବି କରିଛି ।

# ବିହାର ବିଧାନସଭା ନିର୍ବାଚନ : ବିଜେପିରୁ ମୈଥିଳୀ ଠାକୁର ଏବଂ ଆନନ୍ଦ ମିଶ୍ରଙ୍କୁ ମିଳିଲା ଟିକେଟ



ପାଟନା, ୧୫/୧୦ : ୨୦୨୫ ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟି(ଭାଜପା) ନିଜ ଦ୍ୱିତୀୟ ସୂଚୀ ବୁଧବାର ସନ୍ଧ୍ୟାରେ ଜାରି କରିଛନ୍ତି। ଏହି ସୂଚୀରେ ପ୍ରସିଦ୍ଧ ଲୋକଗାୟିକା ମୈଥିଳୀ ଠାକୁରଙ୍କ ସହିତ ୧୨ ପ୍ରାର୍ଥୀଙ୍କ ନାମ ସାମିଲ ଅଛି। ମୈଥିଳି ଠାକୁରଙ୍କୁ ଦରଭଙ୍ଗା ଜିଲ୍ଲାର ଅଲୀନଗରରୁ ଟିକେଟ୍ ମିଳିଛି। ଅନ୍ୟପକ୍ଷରେ ବକ୍ସର ସିଟ୍‌ରୁ ପୂର୍ବ ଆଇପିଏସ୍ ଆନନ୍ଦ ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ମୈଥିଳି ଠାକୁରଙ୍କୁ ଏହା ପୂର୍ବରୁ ଭୋଟର୍ ଜାଗରୁକତାକୁ ବଢ଼ାବା ଦେବା ପାଇଁ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ବିହାର ଷ୍ଟେଟ ଆଇକନ୍ ନିଯୁକ୍ତ କରାଯାଇଥିଲା।

# ଲଢ଼ିବିନି ବିଧାନସଭା ନିର୍ବାଚନ : ପ୍ରଶାନ୍ତ କିଶୋରଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ, ୧୫/୧୦ : ବିହାର ନିର୍ବାଚନ ପାଇଁ ଭୋଟ୍ ପଡ଼ିବା ପୂର୍ବରୁ ଜନସୂରାଜ ପାର୍ଟିର ନେତା ପ୍ରଶାନ୍ତ କିଶୋର ଏହି ବଡ଼ ଘୋଷଣା କରିଛନ୍ତି । ପିଟିଆଇ ସହିତ ଆଲୋଚନା ସମୟରେ ପିକେ ସ୍ପଷ୍ଟ କରିଛନ୍ତି ଯେ, ସେ ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ । ଜନସୂରାଜ ନିଷ୍ପତ୍ତି ନେଇଛି ଯେ, ସେ ସଙ୍ଗଠନାତ୍ମକ କାମରେ ଧ୍ୟାନ ଦେବେ,ଏହି କାରଣରୁ ସେ ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇବେ ନାହିଁ ବୋଲି କହିଛନ୍ତି ପ୍ରଶାନ୍ତ କିଶୋର । ପ୍ରଶାନ୍ତ କିଶୋର କହିଛନ୍ତି ଯେ ଜନ ସୂରାଜ କେବଳ କ୍ଷମତା ହାସଲ ପାଇଁ ଏକ ଆନ୍ଦୋଳନ ନୁହେଁ, ବରଂ ବିକଳ୍ପ ରାଜନୀତିର ଏକ ଦୃଷ୍ଟିକୋଣ। ସେ ଦାବି କରିଛନ୍ତି ଯେ ଯଦି ଜନ ସୂରାଜ ବିହାରରେ ୧୫୦ ରୁ କମ୍ ଆସନ ଜିତିଥାଏ, ତେବେ ଏହାକୁ ପରାଜୟ ବୋଲି ବିବେଚନା କରାଯିବ। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଆମେ ପରିବର୍ତ୍ତନର ରାଜନୀତି କରୁଛୁ । ଅନ୍ୟପଟେ ପ୍ରଶାନ୍ତ କିଶୋର ନୀତିଶ କୁମାରଙ୍କ ସରକାର ଉପରେ ଶବ୍ଦର ତୀର ମାରି କହିଛନ୍ତି ଯେ ବର୍ତ୍ତମାନର ଏନଡିଏ ଶାସନରେ ଦୁର୍ନୀତି ପୂର୍ବ ଅପେକ୍ଷା ଅଧିକ ହୋଇଛି। ନୀତିଶ କୁମାରଙ୍କ



ସରକାରରେ ଅନେକ ନେତା ଆରଜେଡିର ନେତାମାନଙ୍କ ଅପେକ୍ଷା ଆହୁରି ଦୁର୍ନୀତିଗ୍ରସ୍ତ। କ୍ଷମତାରେ ଥିବା ଲୋକମାନେ ଜନସେବା ପାଇଁ ନୁହେଁ, ବ୍ୟକ୍ତିଗତ ଲାଭ ପାଇଁ ରାଜନୀତି କରୁଛନ୍ତି ବୋଲି କହିଛନ୍ତି ପିକେ ।

# ଲୋକପ୍ରିୟ ଅଭିନେତା ପଙ୍କଜ ଧୀରଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୧୫/୧୦: ଆରପାରିକୁ ଚାଲିଗଲେ ଲୋକପ୍ରିୟ ଅଭିନେତା ତଥା ମହାଭାରତ ଧାରାବାହିକର 'କର୍ଣ୍ଣ' ପଙ୍କଜ ଧୀର୍ । ମାତ୍ର ୬୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି । ବି.ଆର. ଚୋପ୍ରାଙ୍କ ମହାଭାରତରେ କର୍ଣ୍ଣ ଭୂମିକାରେ ଚମତକାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ । ଦୁଃଖର ବିଷୟ ହେଲା ଯେ, କିଛି ବର୍ଷ ହେଲାଣି କର୍କଟ ରୋଗରେ ଜୀବନ-ମୃତ୍ୟୁ ସହ ଲଢ଼େଇ କରି ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ପଙ୍କଜ । ୧୯୮୮ ମସିହାରେ ବି.ଆର. ଚୋପ୍ରାଙ୍କ ମହାଭାରତର 'କର୍ଣ୍ଣ' ଭୂମିକାରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ । ସେ ଏହି ଚରିତ୍ରକୁ ଯେଉଁ ଭଳି ଭାବେ ଦର୍ଶକଙ୍କୁ ଦେଖାଇଥିଲେ ତାହା ଏବେ ବି ଅନେକଙ୍କ ମନରେ ଘର କରି ରହିଛି । ଏକ ସାକ୍ଷାତକାରରେ ପଙ୍କଜ କହିଥିଲେ, ପ୍ରଥମେ ଅର୍ଜୁନ ଭୂମିକା ପାଇଁ ଅଡିସନ୍ ଦେଇଥିଲେ ହେଲେ ତାହା ଫିରୋଜ ଖାନଙ୍କୁ ଦିଆ ଯାଇଥିଲା । ବଡ଼କଥା ହେଉଛି ମହାଭାରତର ସୁଟିଂ ସମୟରେ ପଙ୍କଜଙ୍କ ଆଖିରେ ଏକ ତୀର ବାଜିଥିଲା । ପରେ ତାଙ୍କର ଆଖିରେ ଅସ୍ତ୍ରୋପଚାର କରାଯାଇଥିଲା ।

# ରାସନକାର୍ଡ ହିତାଧିକାରୀଙ୍କୁ ୧୦ କିଲୋ ଚାଉଳ ଦେବାକୁ ଯୋଜନା କରୁଛନ୍ତି ସରକାର

ଭୁବନେଶ୍ୱର, ୧୫/୧୦ : (ନି.ପ୍ର) ରାସନ କାର୍ଡ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫କିଲୋ ଚାଉଳ ମିଳୁଥିଲା ବେଳେ ଏହାକୁ ବଢାଇବାକୁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର। ହିତାଧିକାରୀଙ୍କୁ ୫କିଲୋ ଚାଉଳ ପର୍ଯ୍ୟାପ୍ତ ହେଉନଥିବା ଜାଣିବା ପରେ ସରକାର ରାସନକାର୍ଡ ଧାରୀଙ୍କୁ ୧୦ କିଲୋ ଲେଖାଏଁ ଚାଉଳ ଦେବାକୁ ଯୋଜନା କରୁଥିବା ଜଣାଯାଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, '୫କିଲୋ ଜାଗାରେ ଅଧିକ ୫କିଲୋ ଚାଉଳ ଦେବାକୁ ସରକାର ଚିନ୍ତା କରୁଛନ୍ତି। ରାଜ୍ୟରେ ପ୍ରାୟ ୩କୋଟି ୨୫ଲକ୍ଷ ରାସନ କାର୍ଡ ହିତାଧିକାରୀଙ୍କ ରହିଛନ୍ତି। ସରକାର ସେମାନଙ୍କୁ ୧୦କିଲୋ ଚାଉଳ ଦେବାକୁ ଚିନ୍ତା କରୁଛନ୍ତି। ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଉପରେ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନଥିବାରୁ ଏହି ପରିବର୍ତନ କରିବାକୁ ଚିନ୍ତା କରୁଛି ଯୋଗାଣ ବିଭାଗ। ମୁଖ୍ୟମନ୍ତ୍ରୀଙ୍କୁ ଏହି ପରିବର୍ତ୍ତନ ଉପରେ ମୋହର



ଲଗାଇବାକୁ ଫାଇଲ ପଠା ଯିବ। ଏହା ପରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ।

# ଜୈସଲମେର ବସ୍ ଅଗ୍ନିକାଣ୍ଡ : ଯୋଧପୁର ଅଣାଗଲା ମୃତଦେହ, ୯ ଏମଜିଏଚ ଓ ୧୦ ଏମ୍ସ ମର୍ଚ୍ଚୁରୀରେ ରଖାଗଲା

ଯୋଧପୁର, ୧୫ /୧୦ : ଯୋଧପୁର–ଜୈସଲମେର ରୋଡ୍ ଉପରେ ଥଇଯାତ ଗ୍ରାମ ନିକଟରେ ମଙ୍ଗଳବାର ଦ୍ୱିପ୍ରହରରେ ଘଟିଥିବା ଘରୋଇ ବସ୍ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୧୯ ଜଣଙ୍କ ଶବକୁ ବର୍ତ୍ତମାନ ଯୋଧପୁର ଆଣାଯାଇଛି। ଏହାର ଡିଏନଏ ପରୀକ୍ଷା କରାଯିବ ଓ ପରେ ଶବଗୁଡ଼ିକୁ ପରିଜନଙ୍କୁ ହସ୍ତାନ୍ତର କରାଯିବ। ଯୋଧପୁରର ଏମ.ଜି. ହସ୍ପିଟାଲ୍ ଓ ଏମ୍ସ ହସ୍ପିଟାଲ୍‌ର ମର୍ଚରୀରେ ଶବଗୁଡ଼ିକୁ ରଖାଯାଇଛି।



ଏମ.ଜି. ହସ୍ପିଟାଲ୍ ଅଧୀକ୍ଷକ ଡ଼. ଫତେହ ସିଂହ ଭାଟି କହିଛନ୍ତି ଯେ ୯ଟି ଶବ ଏମ.ଜି.ଏଚ୍ ଓ ୧୦ଟି ଶବ ଏମ୍ସ ହସ୍ପିଟାଲ୍ ମର୍ଚରୀରେ ରଖାଯାଇଛି। ଗୋଟିଏ ଶବ ପୂର୍ବରୁ ହିଁ ଯୋଧପୁରରେ ଥିଲା। ଆହତଙ୍କ ମଧ୍ୟରୁ ପାଞ୍ଚ ଜଣ ଭେଣ୍ଟିଲେଟର୍ ଉପରେ ଅଛନ୍ତି ଓ ଆଠ ଜଣଙ୍କ ଅବସ୍ଥା ଗଭୀର ଥିବା ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ତିନିଟା ସମୟରେ, ଜୈସଲମେରରୁ ଯୋଧପୁର ଯାଉଥିବା ଏକ ଘରୋଇ ବସର ଏସିରେ ଶର୍ଟ ସର୍କିଟ୍ ହେବା ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ୨୦ ଜଣ ଜଳିଯାଇ ମୃତ୍ୟୁବରଣ କରିଥିଲେ। ୧୫ ଜଣ ଗୁରୁତର ଓ ସାଧାରଣ ଭାବେ ପୋଡି ଯାଇଥିଲେ। ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ଏହି ବସ୍‌ର ପଞ୍ଜିକରଣ ଏହି ମାସରେ ହୋଇଥିଲା ଓ ବସ୍‌ଟି ନୂଆ ଥିଲା। ରାତିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ପ୍ରଥମେ ଜୈସଲମେର ଏବଂ ପରେ ଯୋଧପୁରର ଏମ.ଜି. ହସ୍ପିଟାଲ୍ ଯାଇ ଆଲୋଚନା କରିଥିଲେ।

# ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ରିମାଣ୍ଡରେ ନେଲା ପୁଲିସ

ଭୁବନେଶ୍ୱର, ୧୫/୧୦ : ଓଡ଼ିଶା ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ପୁରୁଷବନ୍ଧୁଙ୍କ ସମେତ ୬ଜଣଙ୍କୁ ରିମାଣ୍ଡରେ ନେଇ ଖୋଳତାଡ କରୁଛି ଦୁର୍ଗାପୁର ପୁଲିସ। ଶୁକ୍ରବାର ରାତିରେ ପ୍ରକୃତରେ କଣ ଘଟିଥିଲା ତାର ସମ୍ପୂର୍ଣ୍ଣ ତଥ୍ୟ ହାସଲ ପାଇଁ ପଚରାଉଚୁରା କରିବ । ଏଥିସହ ଅଭିଯୁକ୍ତ ଓ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କର ମଧ୍ୟ ମିଛ ଧରା ପରୀକ୍ଷା କରିବାକୁ ଯୋଜନା କରିଛି ପୁଲିସ୍ । ଦିନ ଗଡିବା ସହ ପଶ୍ଚିମବଂଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି । ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ସମେତ ଏପର୍ଯ୍ୟନ୍ତ ୬ଜଣଙ୍କୁ ପୁଲିସ ବାନ୍ଧିବା ପରେ ବି ଛାତ୍ରୀଙ୍କ ସହ କଣ ଘଟିଥିଲା ତା ଉପରୁ ସମ୍ପୂର୍ଣ୍ଣ ପରଦା ଉଠାଇ ପାରିନି ଦୁର୍ଗାପୁର ପୁଲିସ୍ । ପୂର୍ବରୁ ୫ ଅଭିଯୁକ୍ତଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଆଜି ପୁରୁଷ ବନ୍ଧୁ ୱାସିଫ୍ ଅଲ୍ଲୀକୁ ୭ଦିନିଆ ରିମାଣ୍ଡରେ ନେଇଛି ପୁଲିସ୍। ରିମାଣ୍ଡ ସମୟରେ ସମସ୍ତ ଅଭିଯୁକ୍ତଙ୍କର ମିଛ ଧରା ପରୀକ୍ଷା କରାଯିବ । ତାପରେ ପୂରା ଘଟଣା ସାମନାକୁ ଆସିବ। ପୀଡିତା ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯେତେ ଶୀଘ୍ର ଡାକ୍ତର ଡିସଚାର୍ଜ କରିଦେବେ ସେତେଶୀଘ୍ର ଝିଅକୁ ଘରକୁ ନେଇ ଯିବେ ବୋଲି କହିଛନ୍ତି ବାପା । ଅନ୍ୟପଟେ ଏହି ଘଟଣାକୁ ନେଇ ମମତାଙ୍କ ବୟାନ ଓ ତାଙ୍କ ଦଳର ନେତାଙ୍କ ପ୍ରତିକ୍ରିୟାକୁ ନେଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ଜାରି ରହିଛି। ଓଡ଼ିଶା ବିଜେପି ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି । ଏହା ମମତାଙ୍କ ଦୋମୁହାଁ ନୀତି ବୋଲି କହି କଟାକ୍ଷ କରିଛନ୍ତି ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ।

# ଛତିଶଗଡର ସୁକମାରେ ୫୦ଲକ୍ଷର ୨୭ ଇନାମୀ ନକ୍ସଲଙ୍କ ଆତ୍ମସମର୍ପଣ

ସୁକମା, ୧୫ /୧୦:- ଛତିଶଗଡ଼ର ସୁକମା ଜିଲ୍ଲାରେ ବୁଧବାର ଦିନ ପୂର୍ବରୁ ୫୦ ଲକ୍ଷ ଟଙ୍କା ଇନାମି ୨୭ ଜଣ ନକ୍ସଲ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ସୁକମା ପୁଲିସ୍ ଅଧୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ସମସ୍ତେ ନକ୍ସଲ ପୂର୍ବରୁ ବିଭିନ୍ନ ହିଂସାପୂର୍ଣ୍ଣ ଘଟଣାରେ ସମ୍ପୃକ୍ତ ଥିଲେ। ଏମାନଙ୍କ ମଧ୍ୟରେ,



ପିଏଲଜିଏ ବଟାଲିୟନ୍ ନମ୍ବର ୦୧ ରେ ସକ୍ରିୟ ୨ ଜଣ ହାର୍ଡକୋର ମାଓବାଦୀ, ସିଓ୍ୱାଇସିଏମର ଜଣେ, ଦଳ ସଦସ୍ୟ ୧୫ ଜଣ ଓ ଅନ୍ୟ ୧୧ ଜଣ ସକ୍ରିୟ ନକ୍ସଲ ସାମିଲ୍ ଅଛନ୍ତି।

# ବୋଲଂ କ୍ଲଷ୍ଟରରେ ଶିଶୁ ସୁରଭି କାର୍ଯ୍ୟକ୍ରମ



ବାଲିଆପାଳ,୧୫/୧୦(ନି.ପ୍ର) : ବାଲିଆପାଳ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବୋଲଂ କ୍ଲଷ୍ଟର ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରଭି କାର୍ଯ୍ୟକ୍ରମ ଉତ୍ସାହଭରା ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଜୟକୃଷ୍ଣ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଲଂ ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଠୀ ଏବଂ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ପ୍ରଧାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବୋଲଂ ସରପଞ୍ଚ ଜ୍ୟୋସ୍ନାରାଣୀ ମଲ୍ଲିକ ଏବଂ ସମିତି ସଦସ୍ୟ ପ୍ରତିନିଧି ତପନ ରାଉତ ଉପସ୍ଥିତ ଥିଲେ କ୍ଷ ବିଦ୍ୟାଳୟ ଶିକ୍ଷକ ବିଦୁର କୁମାର ବଡ଼ିଆରୀ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଏବଂ ନବୀନ କୁମାର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ । ପିଲାମାନଙ୍କର ଅନ୍ତର୍ନିହିତ ଦକ୍ଷତା ଓ ସୃଜନଶୀଳତାକୁ ଉଜାଗର କରିବା ପାଇଁ ଏହି ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୁଇଜ, ଚିତ୍ରାଙ୍କନ, ନୃତ୍ୟ, ଗୀତ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଭାଜପା ସରକାର ବିରୋଧରେ ବଲାଙ୍ଗୀରରେ ଗର୍ଜନ

ବଲାଙ୍ଗୀର, ୧୫/୧୦ : ବିଜେଡି ର ଜନସମ୍ପର୍କ ପଦଯାତ୍ରା ଭାଜପା ସରକାର ବିରୋଧରେ ବଲାଙ୍ଗିର ରେ ଗର୍ଜନ ତର୍ଜନ କରି ବିରୋଧ ପ୍ରଦର୍ଶନ ଯାଇଛନ୍ତି ଆଜି ଦଳୀୟ କର୍ମୀ ନେତୃ ମଣ୍ଡଳୀ। ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଅକ୍ଟୋବର ୯ରୁ ନଭେମ୍ବର ୯ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି । ବଲାଙ୍ଗୀରରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ବଲାଙ୍ଗୀର ରେ ପଦଯାତ୍ରା ଆରମ୍ଭ କରାଯାଇଛି। ଆଜି ବୁଧବାର ବିଜୁ ଜନତା ଦଳ ମ୍ୟୁନିସିପାଲିଟି ବଲାଙ୍ଗୀର ନିର୍ବାଚନୀ ମଣ୍ଡଳୀ ପକ୍ଷରୁ ପୌରାଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ପୂର୍ବାହ୍ନରେ ବଲାଙ୍ଗୀର ସର୍କିଟ ହାଉସ୍‌ରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ଜନସାଧାରଣ ଏବଂ ବିଜୁ ଜନତା ଦଳର ପୁରୁଷ ମହିଳା କର୍ମୀ ଓ କାଉନସିଲରମାନେ ଯୋଗ ଦେଇଥିଲେ। ଏହି ପଦଯାତ୍ରା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର ପ୍ରସାର କରିଥଲେ। ପଦଯାତ୍ରା ପରେ ତୁଳସୀ ନଗର ଛକଠାରେ ଭାଜପା ସରକାର ବିରୋଧରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବିଜେଡି ନେତାମାନେ ତାଙ୍କ ବକ୍ତବ୍ୟରେ ବର୍ତମାନର ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବା କହିଥିଲେ। ରାଜ୍ୟରେ ମହିଳାମାନଙ୍କୁ ଭାଜପା ସରକାର ସୁରକ୍ଷା ଦେଇପାରୁନାହିଁ। ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ଆଇନଶୃଙ୍ଖଳା ବିଗିଡ଼ିଯାଇଛି ଦ ?ଦାମ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପଦଯାତ୍ରା ସମୟରେ ବିଜେଡି ନେତା ବିଦୁଭୂଷଣ ତ୍ରିପାଠୀ, ପାଣ୍ଡବ କୁମ୍ଭାର, ବନମାଳୀ ବାଗ, ନରସିଂହ ବାଗ , ଗୁଞ୍ଜ ଖାନ, ଭାଇସ୍ ? ଚେୟାରମ୍ୟାନ୍ ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, ଗଙ୍ଗାଧର ଚାନ୍ଦ, ପବିତ୍ର ନେପାକ, ସଞ୍ଜୁଲତା ଦନ୍ତା, ସନ୍ତୋଷିନୀ କୁଅଁର, ନନ୍ଦିନୀ ପୋଡ଼, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, ଛାତ୍ର ବିଜୁ ଜନତା ଦଳ ସଭାପତି ସୁମନ ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲେ।

# ମାଟି କାନ୍ଥ ପଡି ୨ ଗୁରୁତର, ହସ୍ପିଟାଲରେ ଭର୍ତି

ବାରିପଦା,୧୫/୧୦(ନି.ପ୍ର) : ମୟୂରଭଞ୍ଜ ଚାନ୍ଦୁଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମପଂଚାୟତର ଖଡିଆଶୋଳ ଗ୍ରାମରେ ମାଟି କାନ୍ଥ ପଡି ୨ ଜଣ ଗୁରୁତର ହୋଇଛନ୍ତି। ନଣଦେଇ ଚକ୍ରଧର ରାଜ ଓ ଭାଉଜ ସୁକାନ୍ତି ଧଳ ନିଜର ପୁରୁଣା ରୋଷେଇ ଘର ପାଖରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଅଘଟଣ ଘଟିଥିଲା। ହଠାତ୍ ରୋଷେଇ ଘର ମାଟି କାନ୍ଥଟି ଉଭୟଙ୍କ ଉପରେ ଧସି ପଡିଥିଲା। ଫଳରେ ଦୁହେଁ ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆଣି ଭର୍ତି କରାଯାଇଛି। ନଣଦେଇ ଚକ୍ରଧର ରାଜଙ୍କ ଛାତି ଓ ଅଣ୍ଟାରେ ମାଡ ହୋଇଥିବା ବେଳେ ଭାଉଜ ସୁକାନ୍ତି ଧଳଙ୍କ ବାମ ପାର୍ଶ୍ୱ ଆଣ୍ଠୁ ମାଡ଼ ହୋଇଥିବାର ଜଣାପଡିଛି।

# ବଳଦେବଜୀଉ ମନ୍ଦିର ବୁଲି ଦେଖିଲା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ

କେନ୍ଦ୍ରାପଡ଼ା, ୧୫ ଅକ୍ଟୋବର (ହି.ସ.) – କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉ ମନ୍ଦିରର ଉନ୍ନତିକରଣ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଦଳ ବୁଧବାର କେନ୍ଦ୍ରାପଡ଼ାରେ ପହଂଚି ସ୍ଥିତି ପରଖିଛନ୍ତି। ଏହି ଦଳ ପ୍ରଥମେ ମୁଖ୍ୟ ଦେଉଳର ଜଗମୋହନରେ ଖୁମ୍ବର ଫାଟକୁ ତଦାରଖ କରିଥିଲେ। ପ୍ଲେଟ୍ ପଡିବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏବେ ଯେଉଁ ଡିପିଆର ପ୍ରସ୍ତୁତ ହେବ ସେଥିରେ ପ୍ଲେଟ୍ ଲାଗିବ ନାହିଁ। ଏକ ସ୍ୱତନ୍ତ୍ର ପଥର ଦ୍ୱାରା ଜଗମୋହନର ଖୁମ୍ବକୁ ସୌନ୍ଦର୍ଯ୍ୟକରଣ କରାଯିବ। ନୀଳଚକ୍ର ହୁଗୁଳି ଯାଇଥିବାରୁ ଏହାର ମରାମତି କରାଯିବ। ଝୁଲଣ ଘରର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏହି ଫାଟର ମରାମତି ହେବ। ପୁରୁଣା ଆନନ୍ଦବଜାରର ସୌନ୍ଦର୍ଯ୍ୟକରଣ କରାଯିବ। ବିବାହ ମଣ୍ଡପ ପଛପାର୍ଶ୍ୱରେ ଥିବା ପୁରୁଣା ଆଜବେଷ୍ଟସ ଘର ଭଙ୍ଗାଯାଇ ଯାତ୍ରୀ ବିଶ୍ରାମଗାର ହେବ। ମନ୍ଦିର ପରିସରରେ ଥିବା ବିବାହ ମଣ୍ଡପକୁ ସ୍ଥାନାନ୍ତର କରାଯାଇ ପାର୍କ ନିକଟରେ ନୂତନ ଭାବେ ବିବାହ ମଣ୍ଡନ ନିର୍ମାଣ କରାଯିବ। ପୁରୁଣା ଚନ୍ଦନ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ହେବ। ଭଣ୍ଡାର ଘରର ଅବସ୍ଥା ଭଲ ନଥିବାରୁ ତାହାର ତଦାରଖ କରିଥିଲେ। ଏହାର ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଦଳ କହିଥିଲା। ମନ୍ଦିର ମଧ୍ୟରେ ଥିବା ପାର୍ଶ୍ୱ ଦେବାଦେବୀ ମନ୍ଦିର ଯେପରି କନକ ଦୁର୍ଗା ମନ୍ଦିର, ରାମଜୀ ମନ୍ଦିର, ସରସ୍ୱତୀ ମନ୍ଦିର ପ୍ରମୁଖ ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ। ବଳଦେବଜୀଉ ପାର୍କର ଉନ୍ନତିକରଣ ହେବ। ଯାତ୍ରୀ ନିବାସର ଉନ୍ନତିକରଣ ହେବ। ନୂଆ ଚନ୍ଦନ ପୋଖରୀର ସୌନ୍ଦର୍ଯ୍ୟକରଣ ହେବ। ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ କରାଯିବ। ଏନେଇ ଏକ ଘରୋଇ ଆର୍କିଟେକଚର ସଂସ୍ଥାକୁ ଡିପିଆର ପ୍ରସ୍ତୁତ କରିବା ପାଇଁ ଦିଆଯାଇଛି। ଏହି ସଂସ୍ଥା ଡିପିଆର ପ୍ରସ୍ତୁତ କରିବା ପରେ ସରକାରଙ୍କୁ ଏହା ପ୍ରଦାନ କରାଯିବ। ଏଷ୍ଟିମେସନ ଅନୁଯାୟୀ ସରକାର ଅର୍ଥ ମଞ୍ଜୁର ହେବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଭିନ୍ନକ୍ଷମ ଭୋଟରଙ୍କ ମତଦାନକୁ ସୁଗମ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୧୫ /୧୦ : ଭାରତ ନିର୍ବାଚନ ଆୟୋଗଗତ ୬ ଅକ୍ଟୋବରରେ ବିହାର ବିଧାନସଭାର ସାଧାରଣ ନିର୍ବାଚନ ଏବଂ ୮ଟି ବିଧାନସଭା ଆସନରେ ଉପ-ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ଆୟୋଗ ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ନିର୍ବାଚନରସୁଗମତାକୁସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବିହାରରେ, ମତଦାନ କେନ୍ଦ୍ରଗୁଡିକ ତଳ ମହଲା/ ରାସ୍ତାର ପ୍ରବେଶପଥରେ ଅବସ୍ଥିତ ହେବ। ଭିନ୍ନକ୍ଷମ ଭୋଟର ଏବଂ ହ୍ୱିଲଚେୟାରରେ ଥିବା ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଗ୍ରାଡିଏଂଟ ସହିତ ରାମ୍ପର ବ୍ୟବସ୍ଥା କରାଯିବ । ଏହା ସହିତ, ଭିନ୍ନକ୍ଷମ ଭୋଟର ଏବଂ ବରିଷ୍ଠ ନାଗରିକମାନଙ୍କୁ ମତଦାନ କେନ୍ଦ୍ରରେ ପ୍ରବେଶ ପାଇଁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ସୁବିଧା ଦେବା ପାଇଁ, ଆୟୋଗ ନିୟମିତ ଭୋଟର ସୂଚନା ସ୍ଲିପ୍ ସହିତ ବ୍ରେଲି ବୈଶିଷ୍ଟ୍ୟ ସହିତ ସମୁଚିତ ଭୋଟର ସୂଚନା ସ୍ଲିପ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆଚରଣ ନିୟମ, ୧୯୬୧ ର ନିୟମ ୪୯ଏନ ଅନୁଯାୟୀ, ଦୃଷ୍ଟିହୀନ ବ୍ୟକ୍ତିମାନେ ମତଦାନ କେନ୍ଦ୍ରରେ ନିଜ ପକ୍ଷରୁ ଭୋଟ ଦେବା ପାଇଁ ଜଣେ ସାଥୀକୁ ସାଙ୍ଗରେ ନେଇପାରିବେ। ସମସ୍ତ ମତଦାନ କେନ୍ଦ୍ରରେ ଡମି ବାଲଟ୍ ସିଟ୍ ବ୍ରେଲିରେମଧ ଉପଲବ୍ଧ କରାଯିବ। ଯେକୌଣସି ଦୃଷ୍ଟିହୀନ ଭୋଟର ଏହି ସିଟ୍ ବ୍ୟବହାର କରି ସହଯୋଗୀଙ୍କ ସାହାଯ୍ୟ ବିନା ଇ.ଭି.ଏମ୍ ର ବାଲଟ୍ ୟୁନିଟ୍ ରେ ବ୍ରେଲି ସୁବିଧା ବ୍ୟବହାର କରି ନିଜେ ଭୋଟ ଦେଇପାରିବେ।

ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ ମତଦାନ ଦିନ ମତଦାନ କେନ୍ଦ୍ରରେ ଭିନ୍ନକ୍ଷମମାନଙ୍କ ପାଇଁ ଉପଯୁକ୍ତ ପରିବହନ ସୁବିଧା ରହିବା ଉଚିତ। ଭିନ୍ନକ୍ଷମ ଭୋଟରମାନେ ସକ୍ଷମ ମଡ୍ୟୁଲ୍ ରେ ପଞ୍ଜୀକରଣ କରି ପରିବହନ ଏବଂ ହ୍ୱିଲଚେୟାର ସୁବିଧା ପାଇଁ ମଧ୍ୟ ଅନୁରୋଧ କରିପାରିବେ। ବିହାରର ପ୍ରତ୍ୟେକ ୯୦,୭୧୨ ମତଦାନ କେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ହେବ। ଏହା ସହିତ, ଅନ୍ୟ ଏକ ପଦକ୍ଷେପ କ୍ରମେ, ୨୯୨ ମତଦାନ କେନ୍ଦ୍ର କେବଳ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହେବ।

# ଶ୍ରମିକନେତା ରତ୍ନାକର ବିଶ୍ୱାଳଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




ନୀଳଗିରି,୧୫/୧୦(ନି.ପ୍ର) : ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ବରିଷ୍ଠ ତଥା ପ୍ରତିଷ୍ଠାତା ସଭ୍ୟ ✓ ରତ୍ନାକର ବିଶ୍ୱାଳ (ଶିବଭାଇ)ଙ୍କ ୮୭ବର୍ଷ ବୟସରେ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବାଲେଶ୍ୱର ନୂଆବଜାର ସ୍ଥିତ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ସଭାଗୃହରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତର ବାସିନ୍ଦା ସ୍ୱର୍ଗତ ବିଶ୍ୱାଳ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସଂଘର ସଭ୍ୟ ତଥା ବିଭିନ୍ନ ପଦପଦବୀରେ କାର୍ଯ୍ୟକରି ଆସିଥିଲେ। ଜଣେ ଦକ୍ଷ ବସ୍ ଡ୍ରାଇଭର ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ୟୁନିୟନ୍ ଜଣେ ପ୍ରବୀଣ ସାଥୀଙ୍କୁ ହରାଇଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା । ଅସିତ୍ ବରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସଂପାଦକ ରାଜକିଶୋର ଲେଙ୍କାଙ୍କ ସମେତ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିଆଇଟିୟୁ ର ନେତା ବିଜୟ ପାତ୍ର, ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ଟିୟୁଏସିସି ର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, 'ଅଶ୍ରୁ'ର ସଂପାଦକ ନୀଳମଣି ଦକ୍ଷିତ ଓ ଅରୁଣ ମିଶ୍ର, ପାଟିକା ସଂଘର ରାଜ୍ୟ ସଂପାଦିକା ଈଷାଣୀ ଷଡ଼ଙ୍ଗୀ ଓ ମୃତ୍ୟୁଞ୍ଜୟ ରାଉତ, ନିର୍ମାଣ ଶ୍ରମିକନେତା ସୁଶାନ୍ତ ଜେନା, ଶିକ୍ଷକନେତା ସତ୍ୟଜିତ୍ ଦାସ, ପ୍ରଭାକର ବେହେରା ଓ ସ୍ୱର୍ଗତ ବିଶ୍ୱାଳଙ୍କ ଜ୍ୟେଷ୍ଠପୁତ୍ର ସାମ୍ବାଦିକ ପ୍ରଶାନ୍ତ ବିଶ୍ୱାଳ, ନୀଳଗିରିର ସାମ୍ବାଦିକ ଜଗନ୍ନାଥ ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ସାଥୀମାନେ ପୁଷ୍ପପ୍ରଦାନ କରି ଦଣ୍ଡାୟମାନ ହୋଇ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହିତ ଈଶ୍ୱରଙ୍କ ନିକଟରେ ଆମର ଆତ୍ମାର ସଦଗତି କାମନା କରିଥିଲେ । ସୁଶାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ

ଜଳେଶ୍ୱର,୧୫/୧୦(ନି.ପ୍ର) : ଆଜି ପୂର୍ବାହ୍ନ ୧୦ ଘଟିକା ରେ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବ ରେ ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ କୁମାର ଦାସ ଙ୍କ ଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ବି ଆର ସି ମାନନୀୟ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଜେନା ଉଦଘାଟକ ଭାର ପ୍ରାପ୍ତ ସରପଞ୍ଚ ଜ୍ୟୋସ୍ନା ରାଣୀ ସାମଲ, ପ୍ରଥମ ଅଧିବେଶନ ର ମୁଖ୍ୟ ବକ୍ତା ବିନୋଦ ବିହାରୀ ମହାପାତ୍ର, ସମ୍ମାନୀତ ଅତିଥି କୁମୁଦ ରଞ୍ଜନ ଜେନା, ସମ୍ମାନୀତ ଅତିଥି ପ୍ରାକ୍ତନ ସି ଆର ସି ସି କୃଷ୍ଣ ଚନ୍ଦ୍ର ମାଝୀ, ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ବକ୍ତା ମୁଖ୍ୟମନ୍ତ୍ରୀ ଶିକ୍ଷା ପ୍ରାପ୍ତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଯୋଗଦାନ । ସମ୍ମାନୀତ ଅତିଥି




ଭାବେ ମେଦିନୀପୁର କ୍ଲଷ୍ଟର ସି ଆର ସି ସି ଅଜିତ କୁମାର ପାତ୍ର, ଓ ଅନ୍ୟତମ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୁରୁ ପ୍ରସାଦ ରାଉଳ, ପ୍ରାକ୍ତନ ସଂସ୍କୃତ ଶିକ୍ଷକଳ ରବିନ କୁମାର ମିଶ୍ର, ସମ୍ମାନୀତ ଅତିଥି ପ୍ରାକ୍ତନ ଗ୍ରାମ ମୁଖ୍ୟ ଗୁରୁ ପ୍ରସାଦ ଗିରି, ଉମାକାନ୍ତ ସିଟ, ବଂଶୀ ଧର ଜେନା,ପୁଷ୍ପ କେତେନ ପଣ୍ଡା, ମନୋରଞ୍ଜନ ଜେନା, କମଳାକାନ୍ତ ସିଟ୍ , ସମ୍ମାନୀତ ଅତିଥି ଖୁଲୁଡ଼ା ଶୀତଳା ଟଏଟଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବ୍ୟୁତକେଶ ପ୍ରଧାନ,ଯୋଗଦାନ କରିଥିଲେ। । ଏଥିରେ ୧୫ ଟି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ପ୍ରତିଯୋଗିତା ରେ ୯ଟି ବିଭାଗ ଜୁନିୟର ୯ଟି ବିଭାଗ ରେ ପ୍ରତିଯୋଗିତା ରେ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୧୫/୧୦(ନି.ପ୍ର) : ଗତ ସୋମବାର ବନ୍ତ ବ୍ଲକରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ବ୍ଲକ କଂଗ୍ରେସ ନେତା ଇଂ ସୁଧାଂଶୁ ନାୟକ ପାଣି ଅଭାବରୁ ଟିଲୋ ମଧୁପୁର ଗ୍ରାମର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ଚାଷ ଜମି ପଡ଼ିଆ ପଡିବା ସହ ଉକ୍ତ ଜମିରେ ଚାଷ କାର୍ଯ୍ୟ ହୋଇ ପାରୁନଥିବାରୁ ସେଠାରେ ଏକ ଲିଫ୍ଟ ପଏଣ୍ଟ ବସାଗଲେ ବହୁ ଚାଷୀ ଉପକୃତ ହେବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲ୍ଲାପାଳ ଜଳସେଚନ ବିଭାଗକୁ କ୍ଷେତ୍ରୀୟ ତଦନ୍ତ ପାଇଁ ଆଦେଶ ଦେଇଥିଲେ । ଆଦେଶ ପରେ ବୁଧୁବାର ସହକାରୀ ଯନ୍ତ୍ରୀ କ୍ଷେତ୍ରୀୟ ତଦନ୍ତ କରି ଏକ ନୂତନ ଲିଫ୍ଟ ପଏଣ୍ଟ ବସାଇବା ପାଇଁ ପ୍ରତିଶୃତି ଦେଇଥିବା ଜଣାପଡ଼ିଛି । ତଦନ୍ତ ବେଳେ ସୁଧାକର କୁଅଁର, ଅଶୋକ ରାଉତ, ବିନୋଦ ବିହାରୀ ନାୟକ, ମାଧବାନନ୍ଦ ରାଜ, ଆଦିକନ୍ଦ ବରାଳ, ପ୍ରଦୀପ ପାତ୍ର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଷ୍ଟମ ଅଧିବେଶନ

ଭଦ୍ରକ,୧୫/୧୦(ନି.ପ୍ର) : : ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ସଂଘର ଏବର୍ଷର ଅଷ୍ଟମ ଅଧିବେଶନ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମଞ୍ଚାସୀନ ଥିଲେ ପରିଷଦର ସଭାପତି ଗୋଲକ ବିହାରୀ ସାହୁ, ଉପସଭାପତି ହରମୋହନ କୁଅଁର, ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ ଓ ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର । ସଂଘର ପୂର୍ବ ମାସର ବିବରଣୀ ପାଠ କରିଥିଲେ କରୁଣାକର ଉପାଧ୍ୟାୟ ଓ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏହାପରେ ଅନ୍ୟତମ ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି ଆଗାମୀ ବାର୍ଷିକ ଉତ୍ସବରେ



ହେବାକୁ ଥିବା ୮୦ବର୍ଷୀୟ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ନାମ ପାଠ କରିଥିଲେ ଓ ଯଦି କେହି ବ୍ୟକ୍ତି ଏଥିରୁ ବାଦ୍ ପଡ଼ିଥିବେ ସେମାନଙ୍କ ନାମ ପ୍ରସ୍ତାବ ଦେବା ପାଇଁ ଗୃହକୁ ଅନୁରୋଧ କରିଥିଲେ। ଏଥିପାଇଁ ଏକ ସବ୍ କମିଟି ଗଠନ କରିଥିଲେ ସଭାପତି ଉଦୟନାଥ ମହାନ୍ତି। ଏହି କମିଟିରେ ଲକ୍ଷ୍ମଣ କୁମାର ମହାନ୍ତି, ଚନ୍ଦ୍ର ମୋହନ ମହାନ୍ତି ଓ ମୁକ୍ତିକାନ୍ତ ମହାପାତ୍ର ସଦସ୍ୟଭାବେ କାର୍ଯ୍ୟ କରିବେ । ଉକ୍ତ ସମ୍ବର୍ଦ୍ଧିତ ହେବାର ବୟସକୁ ୮୦ବର୍ଷରୁ ୭୫ବର୍ଷକୁ କମାଇ ଆଣିବା ପାଇଁ ସଂଗଠନ ସଂପାଦକ ବାଦଲ କିଶୋର ମହାପାତ୍ର, ରମେଶ ଚନ୍ଦ୍ର ଦାଶ ଓ ଅନାଦି ଚରଣ ଦାସ ପ୍ରମୁଖ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ। କିନ୍ତୁ ଏହା ମାସିକ ବୈଠକରେ ସ୍ଥିର କରାଯାଇପାରିବ ନାହିଁ ବୋଲି ସଭାପତି ଓ ଉପସଭାପତି ଗୃହକୁ ଜଣାଇଥିଲେ ଓ ଏହା ଆଗାମୀ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇ ସ୍ଥିର କରାଯିବ ବୋଲି କହିଥିଲେ । ଏହାପରେ "ଜନା ସ୍ମଲ୍ ଫାଇନାସ୍ ବ୍ୟାଙ୍କ" ଭଦ୍ରକ ଶାଖାର କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ବରିଷ୍ଠମାନଙ୍କ ପାଇଁ କଣ ସୁବିଧାମାନ ଅଛି ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହାପରେ ବୈକୁଣ୍ଠନାଥ ଓଝା, ଅବସରପ୍ରାପ୍ତ ଶିକ୍ଷକ ନୂତନଭାବେ ଆଜୀବନ ସଦସ୍ୟତା ଗ୍ରହଣ କଲେ ଓ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ବିନୟ କୁମାର ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ପ୍ରତାପ ଚନ୍ଦ୍ର ଦଳାଇ, ହରେକୃଷ୍ଣ ସାହୁ, ବୀରନାରାୟଣ ଦାସ, ରମାକାନ୍ତ ନାୟକ, ଜଗବନ୍ଧୁ ରାମ, କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ବିଶ୍ୱାଳ, ଆଦିତ୍ୟ କୁମାର ଗୋସ୍ୱାମୀ, ଆଦିତ୍ୟ କୁମାର ନାୟକ, ବିକାଶ ଚନ୍ଦ୍ର ମହାନ୍ତି, ଶାନ୍ତିଲତା ବାରିକ୍, ଦୀନବନ୍ଧୁ ନାୟକ, ଗୟାଧର ପଣ୍ଡା ପ୍ରମୁଖ ବହୁ ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । 'ଜନା ବ୍ୟାଙ୍କ' ତରଫରୁ ପ୍ରସାଦର ବ୍ୟବସ୍ଥା କରାଯାଇଥିବାରୁ ସଦସ୍ୟେ ନିତ୍ୟାନନ୍ଦ ମିଶ୍ର ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସଂଗେ ସଂଗେ ସଂଘର ସଭାପତି, ଅନ୍ୟକର୍ମକର୍ତ୍ତା ତଥା ସଦସ୍ୟ/ସଦସ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳିତ

ମାଲକାନଗିରି,୧୫/୧୦(ନି.ପ୍ର) : ସ୍ଥାନୀୟ ଜିଲ୍ଲା ପରିଷଦ ସଭା କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ଦୋଳମଣି ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ମଂଚାସୀନ ଥିଲେ। ଜିଲ୍ଲାରେ ଯେପରି କୌଣସି ମା କିମ୍ବା ଶିଶୁ କୁପୋଷଣର ଶିକାର ନ ହୁଅନ୍ତି ସେଥି ପ୍ରତି ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଆମ ଶରୀର ପାଇଁ ସଠିକ୍ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି । ପୋଷଣଯୁକ୍ତ ଖାଦ୍ୟ ନଖାଇଲେ ପୃଷ୍ଟିସାର ଅଭାବଜନିତ ରୋଗ ସୃଷ୍ଟି ହୋଇଥାଏ। ସାଧାରଣତଃ ପୁଷ୍ଟିସାର ଖାଦ୍ୟ ଅଭାବରୁ ନବଜାତ ଶିଶୁର ଠିକ୍ ଭାବେ ଶରୀର ଗଠନ ହୋଇପାରେ ନାହିଁ ଏବଂ ବିଭିନ୍ନ ରୋଗର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ । ଶିଶୁକୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ଆବଶ୍ୟକ । ସେହିପରି ପ୍ରସୂତୀ ମା' ମାନେ ସନ୍ତୁଳିତ ପୋଷଣଯୁକ୍ତ ଖାଦ୍ୟ ଖାଇବା ଦରକାର । ଗର୍ଭବତୀ, ପ୍ରସୂତୀ ଓ ଶିଶୁ ଉପଯୁକ୍ତ ପୋଷଣ ଅଭାବରୁ ବିଭିନ୍ନ ରୋଗର ଶିକାର ହେଉଥିବାରୁ ସେମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଜରୁରୀ ବୋଲି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ଇନ୍ଦିରା ପ୍ରଧାନ ସଂଯୋଜନା କରି ପୋଷଣ ମାସ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । କେଉଁ ଖାଦ୍ୟରେ ପୋଷଣଯୁକ୍ତ ତତ୍ତ୍ୱ ରହିଛି ସେ ସଂପର୍କରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମା' ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ସବୁଜ ପନିପରିବା, କ୍ଷୀର, ଅଣ୍ଡା, ପିଠା ସହିତ ବିଭିନ୍ନ ପ୍ରକାର ଡାଲି ଓ ଶଷ୍ୟଜାତୀୟ ଖାଦ୍ୟ ପରିବେଷଣ କରାଯିବା ସହ ମା' ମାନଙ୍କୁ ସଚେତନ କରାଯାଇଥିଲା । ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

# ଧାରାବାହିକ:

ଭାଗ-୧୮

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା




ଡ. ଶ୍ରୀହରି ପଣ୍ଡା




### ୪୫ ଶ ଅଧ୍ୟାୟ, ଶ୍ରୀକୃଷ୍ଣ ବଳରାମଙ୍କ ବିଦ୍ୟାଧ୍ୟୟନ ଓ ଗୁରୁଦକ୍ଷିଣା ପ୍ରଦାନ

ଶ୍ରୀ ଶୁକଦେବ କହିଲେ, ହେ ରାଜା !ଯଦୁବଂଶୀମାନେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କର ନିର୍ଭୟ ବାହୁ ଛାୟାତଳେ ଆଶ୍ରୟ ଲାଭକରି ଆନନ୍ଦରେ କାଳାତିପାତ କରିବାକୁ ଲାଗିଲେ ଏବଂ କଂସର ଅତ୍ୟାଚାର ଦୁଃଖ କାଳକ୍ରମେ ପାଶୋରିଦେବାକୁ ଲାଗିଲେ । ଭଗବାନଙ୍କ ମୁଖାରବିନ୍ଦ ପାନକରି ସେଠାକାର ଅଧିବାସୀଙ୍କ ମନରେ ସର୍ବଦା ଉତ୍ସାହ ଓ ଉଲ୍ଲାସ ଅନୁଭବ କରି ଆତ୍ମହରା ହେଉଥିଲେ ଓ ନିଜକୁ ପରମ ସୌଭାଗ୍ୟବାନ ମନେ କରୁଥିଲେ । କଂସବଧ ଓ ଉଗ୍ରସେନଙ୍କ ସିଂହାସନ ଆରୋହଣ ପରେ କୃଷ୍ଣ ବଳରାମ, ନନ୍ଦ, ଯଶୋଦାଙ୍କ ନିକଟକୁ ଯାଇ ଭୂମିଷ୍ଠ ପ୍ରଣାମ କରିବାରୁ ସେମାନେ ଏ ଦୁହିଁଙ୍କୁ କୋଳେଇନେଲେ । ଆଖିରୁ ଆନନ୍ଦାଶ୍ରୁ ଗଡିବାକୁ ଲାଗିଲା । ସେମାନେ ଦୁଇ ପୁତ୍ରକୁ ବକ୍ଷରେ ଯାବୋଡିଧରି ଚୁମ୍ବନ ଦେବାକୁ ଲାଗିଲେ ଓ ମସ୍ତକ ଆଉଁସି ଦେଲେ । ଶ୍ରୀକୃଷ୍ଣ କହିଲେ, ହେ ପୂଜ୍ୟ ପିତାମାତା, ଆପଣ ଦୁହେଁ ନିଜ ଜୀବନ ବିପନ୍ନ କରି ଆମ୍ଭ ଦୁହିଁଙ୍କୁ ଲାଳନ ପାଳନ କଲେ, ଆମ ଅଳି ଅର୍ଦ୍ଦଳି ସହ୍ୟକଲେ । ଆମଭଳି ଅନାଥ ବାଳକକୁ କୋଳକୁ ନେଇ ଅନ୍ତରର ସମସ୍ତ ସ୍ନେହ, ବାତ୍ସଲ୍ୟ ଆମ ଉପରେ ଅଜାଡି ଦେଲେ, ଯାହା କେବେ ପରିଶୋଧ କରିହେବ ନାହିଁ । ଏବେ ଆପଣମାନେ ନିଜର ଆତ୍ମୀୟ ସ୍ୱଜନଙ୍କ ସହ ଗୋପପୁରକୁ ଫେରିଯାଆନ୍ତୁ ; ମୁଁ ଏଠାରେ କିଛି ଦିନ ରହି କଂସ ପ୍ରପୀଡିତ ଜ୍ଞାତି, କୁଟୁମ୍ବଙ୍କୁ ପୁନଃସଂସ୍ଥାପିତ କରି ଗୋପପୁରକୁ ଯିବି । ଏହା କହି ସେ ବହୁ ଧନରତ୍ନ ପ୍ରଦାନ କରିବା ସହ ବିଦାୟ ନେବାରୁ ନନ୍ଦ ଯଶୋଦା ପୁନର୍ବାର ରାମକୃଷ୍ଣଙ୍କୁ ଧରି ଚୁମ୍ବନ ଦେଲେ । ସଙ୍ଗୀ ବାଳକମାନେ ଧାଇଁ ଆସି ରାମକୃଷ୍ଣଙ୍କୁ ଘେରିଯାଇ କହିଲେ, ତୁମେ ଦୁହେଁ ତ ଆମ ନୟନର ମଣି, ପଞ୍ଚପ୍ରାଣ । ତୁମ ସହ ବହୁ ଖେଳିଲୁ, ବହୁ ବିପଦରୁ ତୁମେ ଆମକୁ ଉଦ୍ଧାର କରିଛ । ଆମର ଅହୋଭାଗ୍ୟ ଯେ ତୁମ ସଙ୍ଗ ପ୍ରାପ୍ତ ହେଲୁ ହେଲେ କେଉଁ ଦୋଷରେ ଏବେ ଆମକୁ ଛାଡି ଚାଲିଯାଉଛ । ତୁମକୁ ଛାଡି ଆମେ ବଞ୍ଚିବୁ କିପରି ? କଂସକୁ ମାରିଲା ପରି ଆମ ସମସ୍ତଙ୍କୁ ମାରିପକାଅ କହି ବ୍ୟାକୁଳ ଭାବେ କାନ୍ଦିବାରୁ ରାମକୃଷ୍ଣ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ହେ ସାଙ୍ଗ ତୁମର ସାମୟିକ ବିଛେଦ ଆମକୁ ମଧ୍ୟ ବାଧୁଛି । କର୍ତ୍ତବ୍ୟର ଆହ୍ୱାନରେ ଆମକୁ ଏଠାରେ କିଛିକାଳ ରହିବାକୁ ପଡିବ ପରେ ଆମେ ତୁମ ସହିତ ମିଳିତ ହେବୁ । ଏପରି କହି ସମସ୍ତଙ୍କୁ ଗୋପପୁରକୁ ବିଦାୟ କରିବା ପରେ ବସୁଦେବ ନିଜର କୁଳ-ପୁରୋହିତ ଗର୍ଗାଚାର୍ଯ୍ୟ ଓ ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କ ସହାୟତାରେ ଦ୍ୱିଜାତି ସମୁଚିତ ଯଜ୍ଞୋପବୀତ ଗ୍ରହଣ ଓ ସଂସ୍କାରାଦି କର୍ମ ମହାଡମ୍ବରରେ କରାଇଲେ । ରାମକୃଷ୍ଣଙ୍କ ଜନ୍ମ ସମୟରେ ମନାସିଥିବା ଧେନୁ ବିପ୍ରଗଣଙ୍କୁ ନାନା ଅଳଂକାର ମଣ୍ଡିତ କରି ଦାନ କଲେ । ଏହାପରେ ରାମକୃଷ୍ଣ ବିଦ୍ୟାଧ୍ୟୟନ ନିମିତ୍ତ କାଶ୍ୟପଗୋତ୍ରୀ ସାନ୍ଦୀପନି ମହର୍ଷିଙ୍କ ନିକଟକୁ ଗଲେ । ସମସ୍ତ ଜ୍ଞାନର ଅଧିକାରୀ ଭଗବାନ ମାୟାମାନବ ରୂପରେ ନିଜର ମହିମାକୁ ପ୍ରଛନ୍ନ ରଖି ଗୁରୁ ଗୃହରେ ବିଦ୍ୟାଧ୍ୟୟନ କଲେ । ସାଧାରଣ ବିଦ୍ୟାର୍ଥୀ ପରି ସେ ଗୁରୁ ଓ ଗୁରୁମାଙ୍କର କଥା ମାନିବା ସହ ଖୁବ ସେବାକରି ସେମାନଙ୍କୁ ପ୍ରସନ୍ନ କଲେ । ମାତ୍ର ୨୪ ଦିନରେ ସମସ୍ତ ବିଦ୍ୟା ଗ୍ରହଣ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଗୁରୁ, ଗୁରୁମାଙ୍କୁ ପ୍ରଦକ୍ଷିଣ କରି ଗୁରୁ ଦକ୍ଷିଣା ନିମନ୍ତେ ପଚାରିବାରୁ ଗୁରୁ କହିଲେ, ବତ୍ସ, ଆମେ ବେନି ପ୍ରାଣୀ ସଂସାର ତ୍ୟାଗ କରିବାକୁ ସ୍ଥିର କରିଛୁ ; ତେଣୁ ଆମର କୌଣସି ସାଂସାରିକ କାମନା ବାସନା ନାହିଁ । ତୁମେ ଗୁରୁମାତାଙ୍କୁ ପଚାର । ଗୁରୁମାତାଙ୍କୁ ପ୍ରଶ୍ନ କରନ୍ତେ ସେ ତାଙ୍କର ଏକମାତ୍ର ପୁତ୍ର ଯିଏ କି ପ୍ରଭାସ କ୍ଷେତ୍ରରେ ସ୍ନାନ ସମୟରେ ବୁଡିଯାଇ ପ୍ରାଣ ବିସର୍ଜନ କରିଥିଲେ ତାକୁ ଫେରାଇ ଆଣିବାକୁ କହିଥିଲେ । ରାମକୃଷ୍ଣ ଖୁସି ମନରେ ମୁନିକୁମରଙ୍କୁ ଖୋଜିବାକୁ ବାହାରିଗଲେ । ଭଗବାନ ଶ୍ରୀକୃଷ୍ଣ ଦିବ୍ୟ ରୂପ ଧାରଣ ପୂର୍ବକ ସମୁଦ୍ର ତଟରେ ଉପସ୍ଥିତ ହେବାରୁ ଜଳ ଦେବତା ବରୁଣ ଉପସ୍ଥିତ ହୋଇ ଭଗବାନଙ୍କ ଚରଣ ବନ୍ଦନା କରି କହିଲେ, ହେ ସର୍ବଜ୍ଞାତା, ସର୍ବଦ୍ରଷ୍ଟା, ଅନ୍ତର୍ଯାମୀ ତୁମର ଗୁରୁପୁତ୍ର ଏଠାରେ ନାହିଁ । ସେ ଯମପୁରରେ ଅଛି । ତାର ଆୟୁଷ ଶେଷ ହୋଇ ଯାଇଥିବା କାରଣରୁ ମୁଁ କେବଳ ମାଧ୍ୟମ ସାଜିଥିଲି । ମୋହରି ଗର୍ଭରେ ଥିବା ଶଙ୍ଖାସୁରକୁ ବଧ କରି ତୁମେ ବେଦୋଦ୍ଧାର କରିଥିଲ, ଏବେ ତାହାର ପୁତ୍ର ପାଞ୍ଚଜନ୍ୟ ମୋ ଗର୍ଭରେ ରହି ବହୁ ଉତ୍ପାତ କରୁଛି । ଏହା ଶୁଣି ଅଗ୍ରଜ ବଳରାମଙ୍କୁ କିଛି ସମୟ ପ୍ରତୀକ୍ଷା କରିବାକୁ କହି ଭଗବାନ ସମୁଦ୍ରରେ ପ୍ରବେଶ କରି ପାଞ୍ଚଜନ୍ୟକୁ ବଧକଲେ ଏବଂ ତା ଉଦରରୁ ଏକ ସୁଦୃଶ୍ୟ ଶଙ୍ଖ ଉଦ୍ଧାର କରି ସ୍ୱହସ୍ତରେ ଧାରଣ କଲେ । ଏହି ଶଙ୍ଖର ଧ୍ୱନି ଏପରି ଯେ ତାର ଧ୍ୱନି ଶ୍ରବଣ ମାତ୍ରେ ଶତ୍ରୁ ହୀନବୀର୍ଯ୍ୟ ଓ ତେଜହୀନ ହୋଇପଡେ । ଏହାପରେ ଭଗବାନ ଯମଲୋକରେ ପହଞ୍ଚି ଯମଙ୍କୁ ସ୍ୱରୂପ ପ୍ରଦର୍ଶନ କରିବାରୁ ସେ ଭଗବାନଙ୍କ ଚରଣ ବନ୍ଦନା କଲେ ଏବଂ ଗୁରୁ ପୁତ୍ରଙ୍କୁ ଆଣି ଅର୍ପଣ କଲେ । ସେଠାରେ ମହାରାଜ ପଣ୍ଡୁଙ୍କୁ ଦେଖି ତାଙ୍କ ଭଳି ପୁଣ୍ୟବନ୍ତ ରାଜା କାହିଁକି ନର୍କ ଭୋଗ କରୁଛନ୍ତି ବୋଲି ପଚାରନ୍ତେ ଯମ ବିନୟର ସହ କହିଲେ, ସେ ଅଜ୍ଞାତରେ ବ୍ରହ୍ମହତ୍ୟା ପାତକ କରିଥିବାରୁ ଏପରି ଦଶା ଭୋଗୁଛନ୍ତି, ତାଙ୍କ ପୁତ୍ର ଯୁଧିଷ୍ଠିର ରାଜସ୍ୱୟ ଯଜ୍ଞ କଲେ ସେ ସେଥିରୁ ଉଦ୍ଧାର ପାଇବେ । ତାଙ୍କୁ ସୁସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦେଇ ଭଗବାନ, ଅଗ୍ରଜ ଓ ଗୁରୁପୁତ୍ର ସହ ପ୍ରତ୍ୟାବର୍ତ୍ତନ କରି ଗୁରୁ ଆଶ୍ରମରେ ଉପସ୍ଥିତ ହେଲେ । ନିଜର ପୁତ୍ରକୁ ଜୀବିତ ଦେଖି ଉଭୟ ପିତାମାତା ଆତ୍ମହରା ହୋଇ ପୁତ୍ରକୁ କୋଳକୁ ନେଇ ଚୁମ୍ବନ ଦେବାକୁ ଲାଗିଲେ । ରାମକୃଷ୍ଣଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ କହିଲେ, ତୁମେ ଆମର ଆୟୁ ନେଇ ଦୀର୍ଘାୟୁ ଓ ଯଶସ୍ୱୀ ହୁଅ । ତୁମ ଋଣ ଆମେ ସୁଝିପାରିବୁନି । ତୁମର ଏହି ଗୁରୁଦକ୍ଷିଣା ଉପାଖ୍ୟାନ ଚନ୍ଦ୍ରସୂର୍ଯ୍ୟ ଥିବା ଯାଏଁ କୀର୍ତ୍ତିତ ହେଉଥିବ । ପ୍ରସ୍ଥାନ ସମୟରେ ଶ୍ରୀକୃଷ୍ଣ ଅଗ୍ରଜଙ୍କୁ କହିଲେ, ଆପଣ ଦେଖିଲେ ତ, ସଂସାରରେ ବିଷ୍ଣୁମାୟା କିପରି ବଳବାନ । ଗୁରୁଦେବ ସ୍ୱୟଂ ବ୍ରହ୍ମାଙ୍କ ଅଂଶଜାତ ହୋଇ ମଧ୍ୟ ମାୟାରୁ ଉଦ୍ଧାର ପାଇଲେ ନାହିଁ, ଆମକୁ ନିତ୍ୟାନ୍ତ ତୁଛ ଦକ୍ଷିଣା ମାଗିଲେ, ଅଥଚ ସେ ଚାହିଁଥିଲେ ମୁଁ ତାଙ୍କୁ ପରମପଦ ମଧ୍ୟ ଦେଇପାରିଥାନ୍ତି । ସ୍ୱୟଂ ବ୍ରହ୍ମାଙ୍କ କୁମର ହୋଇ ମଧ୍ୟ ମାୟା ପଟଳ କାରଣରୁ ସେ ଆମ୍ଭଙ୍କୁ ଚିହ୍ନି ପାରିଲେନି, ନଚେତ ଆମର ଶିଷ୍ୟତ୍ୱ ଗ୍ରହଣ କରିନଥାନ୍ତେ । ଗୁରୁ ଓ ଗୁରୁପତ୍ନୀଙ୍କ ସାଂସାରିକ କର୍ମ ଶେଷ ପରେ ମୁଁ ଅବଶ୍ୟ ସେମାନଙ୍କୁ ପରମପଦ ପ୍ରଦାନ କରିବି । ଏପରି କଥପୋକଥନ କରୁ କରୁ ସେମାନେ ଦ୍ୱାରିକାକୁ ପ୍ରତ୍ୟାବର୍ତ୍ତନ କଲେ ।

### ୪୬ଶ ଅଧ୍ୟାୟ, ଉଦ୍ଧବଙ୍କର ବ୍ରଜ ଯାତ୍ରା

ଶ୍ରୀ ଶୁକଦେବ କହିଲେ, ରାଜା ! ଭଗବାନ ମଥୁରାରେ କଂସ ସହିତ ସମସ୍ତ ଦୁଷ୍ଟଙ୍କୁ ବିନାଶ କରି ନିର୍ଯ୍ୟାତିତ ଯଦୁବଂଶୀମାନଙ୍କୁ ଧନରତ୍ନାଦି ଦାନକରି, ସେମାନଙ୍କୁ ପୂର୍ଣ୍ଣ ଥଇଥାନ କଲେ । ସେମାନେ ମଧ୍ୟ ଭଗବାନଙ୍କ ଅପୂର୍ବ ରୂପମାଧୁରୀ ପାନ କରି ଆନନ୍ଦରେ କାଳାତିପାତ କଲେ ମଧ୍ୟ ସ୍ୱୟଂ ଭଗବାନ ନିଜର ପ୍ରିୟ ଗୋପପୁରବାସୀଙ୍କ ବିରହରେ ଦଗ୍ଧିଭୂତ ହେଉଥିଲେ । ଦିନେ ମନ୍ତ୍ରୀ ଉଦ୍ଧବଙ୍କୁ ଡକାଇ କହିଲେ, ତୁମେ ତ ମୋର ପ୍ରିୟ ପୁଣି ଜ୍ଞାନୀ ଓ ମହତ । ତୁମ ନିକଟରେ ମୋ ଅନ୍ତରର ଦୁଃଖକୁ ନିଃସଙ୍କୋଚରେ ପ୍ରକାଶ କରୁଛି । କଂସ ବଧପରେ ସମସ୍ତେ ଏଠାରେ ଆନନ୍ଦରେ କାଳାତିପାତ କରୁଥିବାରୁ ମୁଁ ଆନନ୍ଦିତ ଥିଲେ ମଧ୍ୟ ଗୋପପୁରରେ ମୋର ପାଳନକର୍ତ୍ତା ପିତାମାତା, ଗୋପୀ, ଗୋପାଳମାନଙ୍କ ସ୍ନେହ ଶ୍ରଦ୍ଧା ମନେ ପଡି ମନ ଅତ୍ୟନ୍ତ ବ୍ୟାକୁଳ ହେଉଛି । ହେଲେ ସେହି ମଧୁମୟ ବାଲ୍ୟକାଳକୁ ଫେରିବାର ଅବକାଶ ନଥିବାରୁ ଏବଂ ଆଗକୁ କର୍ତ୍ତବ୍ୟର କଠିନ ପଥ ଥିବାରୁ ତୁମେ ମୋର ସନ୍ଦେଶ ନେଇ ସେଠାକୁ ଯାଅ ଏବଂ ସେମାନଙ୍କ ବିନା ମୋର ଅବସ୍ଥା ସମ୍ପର୍କରେ ସୂଚନା ଦିଅ । ଆମ୍ଭଙ୍କୁ ଅକ୍ରୂର ରଥରେ ନେଇ ଆସୁଥିବାବେଳେ ସେମାନେ ମୋର ପଥ ଓଗାଳିଥିଲେ । ମୁଁ ସେମାନଙ୍କୁ ଧନୁଯାତ୍ରାର ଶେଷରେ ଯିବି ବୋଲି ଆଶ୍ୱାସନା ଦେଇ ଆସିଥିଲି, ମାତ୍ର ଏହା ଭିତରେ ବହୁ ସମୟ ଅତିବାହିତ ହୋଇ ଯାଇଥିଲେ ହେଁ ସେଠାକୁ ଯିବାର ସୁଯୋଗ ଆସିନାହିଁ । ସେମାନେ ମୋତେ ଅତ୍ୟନ୍ତ ଭଲ ପାଉଥିଲେ, ମୋ ବିନା ଦଣ୍ଡେ ରହିପାରୁନଥିଲେ । ମୋର ଦୀର୍ଘଦିନର ଅଦର୍ଶନ ଫଳରେ ସେମାନେ ବ୍ୟଥିତ ହେଉଥିବେ, କେବଳ ମୋ ସହ ଦେଖା ହୋଇଯିବ ବୋଲି ଭାବି ସେମାନେ ବଞ୍ଚୁଥିବେ । ଏହା କହୁଥିବା ସମୟରେ ଭଗବାନଙ୍କ ଚକ୍ଷୁରୁ ଅଶ୍ରୁ ଝରିଚାଲିଥିଲା । ତୁମେ ଯାଥାଶୀଘ୍ର ସେଠାକୁ ଯାଇ ମୋର ବ୍ୟସ୍ତତା କାରଣରୁ ଆସିପାରୁନଥିବା ଏବଂ ଶୀଘ୍ର କାର୍ଯ୍ୟ ସମାପନ ପରେ ପହଞ୍ଚିବାର ବାର୍ତ୍ତା ଦେଇ ଆସ । ତାହା ଶୁଣି ସେମାନଙ୍କ ଅସ୍ଥିର ମନକୁ ଶାନ୍ତି ମିଳିବ । ଉଦ୍ଧବ ନିଜର ମିତ୍ର, ଭଗବାନ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଗୋପପୁରକୁ ଯାତ୍ରାକରି ଦିବସରେ ଶେଷରେ ସେଠାରେ ପହଞ୍ଚିଲେ । ଗୋଧନ ବାହୁଡା ସମୟ, ଗୋଧୂଳି ଉଡି ଚତୁର୍ଦ୍ଦିଗ ଆଛନ୍ନ ହୋଇପଡିଛି । ଦୁଗ୍ଧ ଭାରରେ ଗାଇମାନେ ନିଜ ନିଜର ବତ୍ସାମାନଙ୍କୁ ରଡିଦେଇ ଆହ୍ୱାନ କରୁଛନ୍ତି, ବୃଷଭମାନେ ଋତୁମତୀ ଗାଭୀମାନଙ୍କର ପଶ୍ଚାତଧାବନ କରୁଛନ୍ତି । କେଉଁଠାରେ ଗୋପାଳମାନେ ଗାଭୀ ଦୋହନ କରୁଛନ୍ତି ତ କେଉଁଠି ଗୋପାଳମାନେ ରାମଗୋବିନ୍ଦ ଚରିତ ଗାନ କରୁଛନ୍ତି । ଅସ୍ତାଚଳଗାମୀ ସୂର୍ଯ୍ୟ ନିଜ କିରଣରେ ଗୋପଦାଣ୍ଡକୁ ବିଚିତ୍ର ବର୍ଣ୍ଣ କରି ତୋଳିଛନ୍ତି । ଗୋପୀ, ଗୋପାଳମାନେ ଅଗ୍ନି, ଅତିଥି, ଗୁରୁ, ବିପ୍ର ଓ ଦେବତାମାନଙ୍କର ପୂଜା ଅର୍ଚ୍ଚନା ନିମିତ୍ତ ଧୂପ, ଦୀପ, ଗନ୍ଧ, ପୁଷ୍ପ ଆଦି ଦ୍ୱାରା ନିଜ ପୁରକୁ ମଣ୍ଡନ କରୁଛନ୍ତି । ଜଳାଶୟରେ ପଦ୍ମ, କୁମୁଦ ଆଦି ପୁଷ୍ପ, ହଂସ, ସାରସ ଆଦି ପକ୍ଷୀମାନେ ଶୋଭା ପାଉଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କର ବାଲ୍ୟ, କୈଶୋର ଲୀଳାଭୂମି, ମର୍ତ୍ତ୍ୟ ଗୋଲକ ରୁପିଣୀ ଗୋପପୁରୀର ପଟାନ୍ତର ନାହିଁ । ଉଦ୍ଧବ ଏହି ପୁରୀରେ ପହଞ୍ଚି ନିଜକୁ ଧନ୍ୟ ମଣିଲେ । ନନ୍ଦରାଜାଙ୍କ ମନ୍ଦିରରେ ଉତ୍ସବ ଲାଗିରହିଛି । ଉଦ୍ଧବଙ୍କୁ ଦେଖି ନନ୍ଦ ପାଛୋଟି ନେଇଗଲେ, ଶ୍ରୀକୃଷ୍ଣଙ୍କ ଦୂତ ବୋଲି ଜାଣି ଆହ୍ଲାଦିତ ହେଲେ । ତାଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ ମାନ୍ୟକରି ପାଦ ପ୍ରକ୍ଷାଳନ କରାଇ ଉତ୍ତମ ଆସନରେ ବସାଇ ଦଧି, ଶାକର ପରମାନ୍ନ, ଉତ୍ତମ ବ୍ୟଞ୍ଜନାଦିରେ ଆପ୍ୟାୟିତ କରି କୃଷ୍ଣବଳରାମଙ୍କ କଥା ପଚାରିବାକୁ ଯାଇ କାନ୍ଦି ପକାଇଲେ । କହିଲେ, ତୁମେ ମଥୁରାବାସୀ ପରମ ଭାଗ୍ୟବାନ ଯେ ଶ୍ରୀକୃଷ୍ଣଙ୍କ ରୂପମାଧୁରୀ ଦର୍ଶନ ପାଇବା ସହ ସେହି ଅମୃତପାନ କରୁଛନ୍ତି ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# ନିଜକୁ ଏକା ଭାବନ୍ତୁ ନାହିଁ




ଶ୍ୱେତା ରାଉତ୍


ଖୁବ୍ ସ୍ୱଚ୍ଛ ଥିବା ପାଣିରେ ଆପଣ ଦେଖିଥିବେ କେବେ ମାଛ ରହିବେ ନାହିଁ, କିନ୍ତୁ ଗୋଳିଆ ପାଣିରେ ବହୁ ପରିମାଣର ମାଛ ଦେଖିବାକୁ ପାଇବେ। ଠିକ୍ ସେମିତି ଏବେ ବିଗିଡି ଯାଉଥିବା ସମାଜରେ ଅସାମାଜିକ ଲୋକଙ୍କ ଏକତା ଅଧିକ ଓ ସମାଜକୁ ନୂଆ ରାହା ଦେଖାଉଥିବା, ସମାଜର ହିତ ସାଧନ କରୁଥିବା, ସେବା ସାହାଯ୍ୟ କରୁଥିବା ଲୋକଟି ସବୁବେଳେ ଏକା ଥାଏ ଏବଂ ଅନେକ ଅସାମାଜିକ ଲୋକ ତାକୁ ଉପହାସ କରନ୍ତି।ଗୋଟେ କାର୍ଯ୍ୟାଳୟ ଭିତରେ ଲାଞ୍ଚ ନେଇ, ମାଲିକକୁ ଠକୁଥିବା କର୍ମଚାରୀମାନେ ଦଳ ହୋଇ ସେଇ କର୍ମଚାରୀକୁ ଏକା କରିଦିଅନ୍ତି, ଯିଏ ଖୁବ୍ ସଚ୍ଚୋଟ ଥାଏ। ଦୁଃଖର କଥା ଏମିତି ବି ହୁଏ ମାଲିକ, ଠକାଉଥିବା କର୍ମଚାରୀଙ୍କ ମିଥ୍ୟା ପ୍ରରୋଚନାରେ ପଡ଼ି ସଚ୍ଚୋଟ ଲୋକଟିକୁ ଅଫିସରୁ ବାହାର କରିଦିଏ।

ଗୋଟେ ଘରେ ଯଦି ତିନି ଚାରିଜଣ ବୋହୂ ଥାଆନ୍ତି, ଯେଉଁ ବୋହୂ ବିଦେଶରେ ରୁହେ, ବର୍ଷରେ ଥରେ ବୁଲିବାକୁ ଆସି ଗୁଡ଼ାଏ ଉପହାର ଶାଶୁଙ୍କ ପାଇଁ ଆଣିଥାଏ, ଆଠ ଦିନ ଶାଶୁଙ୍କ ପାଦ ଘଷି, ଭଲମନ୍ଦ ବୁଝି ପାଖରେ ରୁହେ ସେ ବୋହୂ ଶାଶୁଙ୍କର ଅତି ପ୍ରିୟ ହୋଇଥାଏ । ଶାଶୁ ତା ଖୁସି ପାଇଁ କେତେ କଣ କରି ପକାନ୍ତି, କିନ୍ତୁ ଯେଉଁ ବୋହୂ ଘରେ ଶାଶୁଙ୍କ ପାଖରେ ରହି ବର୍ଷ ସାରା ହାତରେ ରାନ୍ଧି ଖୁଆଏ, ସେବା ଶୁଶ୍ରୁଷା କରେ, କେବେ ମୁଁହ ଖୋଲି ପଦେ କହିନଥାଏ,ସେ ବୋହୂ ଭାଗ୍ୟରେ କେବଳ କାମ କରିବା ଲେଖା ଥାଏ ତା ସହିତ ହଜାର ଅଭିଯୋଗ ମଧ୍ୟ। ସମସ୍ତେ କୁହନ୍ତି ଏ ବୋହୂ ଭଲ ସେ ବୋହୂ ଖରାପ,କିନ୍ତୁ ବାସ୍ତବରେ ବୋହୂଟିଏ ଭଲ କି ଖରାପ ହେବ ଶାଶୁ ଉପରେ ନିର୍ଭର କରେ,କାରଣ ଶାଶୁ ହିଁ ପକ୍ଷପାତ କରିବା ଆରମ୍ଭ କରନ୍ତି,ଯେଉଁ ପୁଅର ରୋଜଗାର ବେଶୀ, ସେ ବୋହୂ ସୁନା ମୁଣ୍ଡା, ଯେଉଁ ପୁଅର ରୋଜଗାର କମ୍, ସେ ବୋହୂ ଯେତେ କାମ କଲେ ବି ସବୁ ଖରାପ।ସବୁବେଳେ ପର ଝିଅ ଆସି ଆମ ଘର ଭାଙ୍ଗି ନଥାଏ, ଆମ ଛୋଟ ବୁଦ୍ଧି, ହୀନ ମାନସିକତା ଶାଶୁମାନଙ୍କର ବୋହୂମାନଙ୍କ ଭିତରେ ପକ୍ଷପାତ କରିବା ଯୋଗୁଁ ଭଲ ସମ୍ପର୍କରେ ଫାଟ ସୃଷ୍ଟି ହୁଏ।ଶେଷ ସମୟରେ ଗେହ୍ଲବସର ବୋହୂ ସେବା କରିବାକୁ ନଥାଏ, ଥାଏ ସେଇ ବୋହୂ ଯାହାକୁ କେବେ ମିଠା କଥା ପଦେ ଶୁଣିବାକୁ ମିଳିନଥାଏ।ଯେତେ ଯେତେ ବୟସ ବଢ଼େ ବୋଧହୁଏ ସେତେ ବେଶୀ ମଣିଷର ବୁଦ୍ଧି ଛୋଟ ହୋଇଯାଏ,ବିଚାର ମଳିନ ହୋଇଯାଏ,ନିଷ୍ପତ୍ତି ଭୁଲ ହୋଇଯାଏ।

ଏମିତି ପରିସ୍ଥିତିରେ ଅନେକ ଲୋକ ଖୁବ୍ ଦୁଃଖି ହୋଇଯାଆନ୍ତି।କିନ୍ତୁ ଦୁଃଖ କାହିଁକି କରିବା। ଆମେ ନିଜକୁ ଫୁଲଟିଏ କାହିଁକି ନଭାବିବା !ଯେତେବେଳେ ଆପଣ ଏକା ହୋଇଯାଉଛନ୍ତି, ଅନ୍ୟମାନେ ଦଳ ହୋଇ ଆପଣଙ୍କ ଉପହାସ କରୁଛନ୍ତି,ସେତେବେଳେ ଭାବନ୍ତୁ - ଅଳିଆ ଗଦାରେ ମାଛି ଭଣଭଣ ହୁଅନ୍ତି,କିନ୍ତୁ ଫୁଲରେ ମହୁମାଛି ବସେ,ମଧୁସଂଗ୍ରହ କରେ, ସେ ମଧୁ ଅନେକ ରୋଗରୁ ମୁକ୍ତିଦିଏ,ସେ ମଧୁ ଅମୃତ ହୋଇ ଈଶ୍ୱରଙ୍କ ନିକଟରେ ମଣୋହି ପାଲଟିଯାଏ।ଆପଣ ଅଳିଆ ଗଦାର ମାଛି କଥାରେ ଭାଙ୍ଗି ନପଡ଼ି ଫୁଲ ଉପରେ ମହୁମାଛି ହୋଇ ଈଶ୍ୱରଙ୍କ ପାଇଁ ମଧୁ ସଂଗ୍ରହ କରନ୍ତୁ ଏବଂ ଈଶ୍ୱରଙ୍କୁ ନିଜ ସହିତ ଅନୁଭବ କରନ୍ତୁ ସେ ପ୍ରାଣସ୍ୱରୂପ ପରମେଶ୍ୱର ସବୁବେଳେ ସାଥିରେ ଅଛନ୍ତି।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଗୁଗଲ୍ ମ୍ୟାପ୍ ୫୧ରେ ୟୁଏଫଓ !

ଆମେରିକା ଏରିଆ ୫୧ ଅଜବ ଗତିବିଧି ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାଏ । ଏଠାରେ ସରକାର ବିଭିନ୍ନ ସମୟରେ ସଂଗ୍ରହ ହୋଇଥିବା ୟୁଏଫଓ ଓ ଏଲିଅନମାନଙ୍କୁ ଲୁଚାଇ ରଖାଯାଇଛି ବୋଲି ବିଶ୍ୱାସ ରହିଛି। ତେବେ ସାଟେଲାଇଟ ଯୋଗେ ଏବେ ସାଧାରଣ ମଣିଷ ମଧ୍ୟ ନାଭାଡ଼ାର ଏହି ଅଂଚଳକୁ ଦେଖିପାରିବ। ୟୁଫୋଲୋଜିଷ୍ଟ ସ୍କଟ୍ ୱାରିଙ୍ଗଙ୍କ ମତରେ ଏଠାରେ ଏକ ୩୦ ମିଟରର ୟୁଏଫଓ ଥିବାର ଦେଖାଯାଉଛି। ହଫିଙ୍ଗମ୍ୟାନ ପୋଷ୍ଟ ୟୁଟ୍ୟୁବରେ ଥିବା ଭିଡ଼ିଓକୁ ପାଇଛି ଯେଉଁଥିରେ ସ୍କଟ୍ ଏହି



ଅଂଚଳକୁ କିପରି ଖୋଜି ପାଇବ ସେ ସମ୍ପର୍କରେ କହୁଛନ୍ତି । ଏଠାରେ ଏକ ଗୋଲାକାର ହ୍ୟାଙ୍ଗ ରହିଛି ଯାହା ଉଡ଼ନ୍ତା ଯାନ ଭଳି ଦେଖାଯାଉଛି। ମୁଖ୍ୟ ବିଲ୍ଡିଂ ନିକଟରେ ୪ଟି ବିଲ୍ଡିଂ ରହିଛି ହୁଏତ ତାହା ଏସି ବିଲ୍ଡିଂ ହୋଇଥାଇପାରେ ଯାହା ମୁଖ୍ୟ ବିଲ୍ଡିଂରେ ଥିବା ରହସ୍ୟମୟ ପଦାର୍ଥକୁ ଥଣ୍ଡାରଖିବା ପାଇଁ ବ୍ୟବହାର ହେଉଥିବା ବୋଲି ସେ କହିଛନ୍ତି।

# ଲବଙ୍ଗ ଖାଇବା ଜରୁରୀ



ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟହ ଲବଙ୍ଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଚା' ପାନୀୟରେ ପ୍ରତ୍ୟହ ଲବଙ୍ଗ ମିଶାଇ ପିଇବା ସ୍ୱାସ୍ଥ୍ୟ ପାଇଁ ଉତମ।

- ଅମ୍ଳ ରୋଗୀମାନେ ଲବଙ୍ଗ ଚୋବାଇ ଖାଇବା ଉଚିତ। ଦୈନିକ ୧ କପ ପାଣି ଫୁଟାଇ ସେଥିରେ ୨ଟି ଲବଙ୍ଗ ଗୁଣ୍ଡ କରି ମିଶାଇ ପରେ ସେହି ପାଣିକୁ ପିଇବେ। ଏପରି କଲେ ଅମ୍ଳରୋଗକୁ ରକ୍ଷା ମିଳେ।

- ୧ ଲିଟର ପାଣିରେ ୮-୧୦ଟି ଲବଙ୍ଗ ପକାଇ ଫୁଟାଇବେ। ଥଣ୍ଡା କିମ୍ବା ସର୍ଦ୍ଦି ହେଲେ ଏହି ପାନୀୟକୁ ଉଷୁମ କରି ପିଇଲେ ଆରାମ ଲାଗେ।

- ଚାମଚେ ଲେମ୍ବୁରସରେ ୨ଟି ଲବଙ୍ଗକୁ ଘଷି ତାହାକୁ ଦାନ୍ତରେ ଘଷିଲେ ଦାନ୍ତ ବିନ୍ଧାରୁ କ୍ଷାନ୍ତି ମିଳେ।

- ନିୟମିତ ଲବଙ୍ଗ ଚୋବାଇଲେ ମୁଖ ଦୁର୍ଗନ୍ଧ ହୋଇ ନଥାଏ।

- ସୋରିଷ ତେଲରେ ଲବଙ୍ଗ ଫୁଟାଇ ଏହାକୁ ବେକ, ପାଦରେ ମାଲିସ କଲେ ବିନ୍ଧା-ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

-ବସାଦରୁ ମୁକ୍ତି ପାଇବାକୁ ଚାହୁଁଥିଲେ ୩-୪ଟି ଲବଙ୍ଗ, ଅଳ୍ପ ତୁଳସୀପତ୍ରୟ, ଅଳ୍ପ ପୋଦିନା ପତ୍ର ଓ ଗୋଟିଏ ଗୁଜୁରାତିକୁ ନେଇ ଅଧ ଲିଟର ପାଣିରେ ଫୁଟାନ୍ତୁ। ପରେ ଥଣ୍ଡାକରି ସେହି ପାଣି ପିଇବା ଭଲ।

- କେଶ ପାଇଁ ଲବଙ୍ଗ ଭଲ କଣ୍ଡିସନରର ଭାବେ କାମ କରିଥାଏ। ୫ଟି ଲବଙ୍ଗକୁ ଗୁଣ୍ଡ କରି ୧ ଚାମଚ ଅଲିଭ ତେଲରେ ମିଶାଇ ନଖ ଉଷୁମ କରିବେ। ତାହାକୁ କେଶମୂଳରେ ମାଲିସ କରି ୩୦ ମିନିଟ୍ ପରେ କେଶ ଧୋଇବେ।। କେଶ ଝଡ଼ା ସମସ୍ୟା ମଧ୍ୟ ଏହି ଉପାୟର ଦୂରହୁଏ।

# ସାଉଦିଆରବର ରୋଚକ ତଥ୍ୟ

- ସମଲିଙ୍ଗୀ ସମ୍ବନ୍ଧ ସେଠାରେ ଏକ ଦଣ୍ଡନୀୟ ଅପରାଧ। ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ମୃତ୍ୟୁଦଣ୍ଡ ଦିଆଯାଏ।

- ସାଉଦିଆରବର ଘାବର ବିଶ୍ୱର ସର୍ବବୃହତ୍ ତୈଳ ମହଜୁଦ ଥିବା ସ୍ଥାନ ଅଟେ। ଅନୁମାନରେ କୁହାଯାଇପାରେ ଯେ, ୪,୭୭୦,୮୯୭ବୃହତ ଆକାରର ସୁଇମିଂ ପୁଲ ଏହି ତେଲରେ ଭରିହେବ।

- ସେଠାରେ ପ୍ରାୟ ୮,୪୧୨,୦୦୦୦ଲକ୍ଷ ଶ୍ରମିକ କାର୍ଯ୍ୟରତ। ସେମାନଙ୍କ ମଧ୍ୟରୁ ୮୦% ଲୋକ ବାହାର ରାଷ୍ଟ୍ରର ଅଟନ୍ତି।

- କ୍ଷେତ୍ରଫଳ ଅନୁସାରେ ଏହା ବିଶ୍ୱର ୧୩ତମ ସ୍ଥାନରେ ଅଛି । ଜର୍ମାନୀଠାରୁ ୬ଗୁଣ ଆକାରରେ ବଡ଼ ଏହି ରାଷ୍ଟ୍ରର ୯୫ ପ୍ରତିଶତ ଅଂଚଳ ମରୁଭୂମି।

- ଦୈନିକ ଏଠାରେ ପ୍ରାୟ ୧୦୦ଟି ଓଟ କିଣା ହୋଇଥାଏ। ଏଠାରେ ରାଜଧାନୀ ରିୟାଦ ହିଁ ସବୁଠୁ ବଡ଼ ଓଟ ବଜାର ଭାବରେ ଜଣାଯାଏ।

**ସାଉଦିଆରବରେ ଏକବିଂଶ ଶତାବ୍ଦୀରେ ମଧ୍ୟ ଅନେକ କଡ଼ାକଡ଼ି ନିୟମ ପାଳନ କରାଯାଉଥିବାର ପ୍ରକାଶ। ସେଠାରେ କେତୋଟି ନିୟମ ଉଲ୍ଲଙ୍ଘନ କଲେ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥାଏ।**

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ଅକ୍ଟୋବର ୨୦୨୫, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଇପିଏଫ୍ ନିୟମରେ ପରିବର୍ତ୍ତନ: ଚାକିରି ହରାଉଥିବା ବ୍ୟକ୍ତିଙ୍କ ପାଇଁ ଏକ ନୂଆ ଆଘାତ

ବର୍ତ୍ତମାନର ଅର୍ଥନୈତିକ ପରିବେଶରେ, ଯେତେବେଳେ କର୍ପୋରେଟ୍ ଜଗତରେ ଛଟେଇ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି, ସେତେବେଳେ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଦ୍ୱାରା ଅଣାଯାଇଥିବା ନୂତନ ନିୟମ ଚାକିରି ହରାଇଥିବା ବ୍ୟକ୍ତିଙ୍କ ପାଇଁ ଏକ ଶକ୍ତ ପ୍ରହାର ସଦୃଶ ହୋଇଛି । ଏହି ପରିବର୍ତ୍ତନଗୁଡ଼ିକୁ ସରକାର ଦୀର୍ଘକାଳୀନ ସାମାଜିକ ସୁରକ୍ଷା ଏବଂ ସଞ୍ଚୟକୁ ପ୍ରୋତ୍ସାହନ ଦେବା ନାମରେ ଯୁକ୍ତିଯୁକ୍ତ ଦର୍ଶାଉଥିଲେ ମଧ୍ୟ, ଏହାର ବାସ୍ତବ ପ୍ରଭାବ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଚିନ୍ତାଜନକ ଅଟେ । ବିଶେଷକରି ଯେଉଁମାନେ ହଠାତ୍ ନିଜର ଆୟର ଉତ୍ସ ହରାନ୍ତି, ସେମାନଙ୍କ ପାଇଁ ଏହା ଏକ ଅତି କଠିନ ସମୟ ସୃଷ୍ଟି କରିଛି ।

ନୂତନ ନିୟମ ଅନୁଯାୟୀ, ଜଣେ କର୍ମଚାରୀ ଚାକିରି ହରାଇବାର ୧୨ ମାସ ପରେ ହିଁ ନିଜର ପିଏଫ୍ ଖାତାରୁ ସମ୍ପୂର୍ଣ୍ଣ ରାଶି ଉଠାଇପାରିବେ, ଯାହା ପୂର୍ବରୁ ମାତ୍ର ଦୁଇ ମାସ ଥିଲା । ସେହିପରି ପେନସନ ରାଶି ଉଠାଇବା ପାଇଁ ଏହି ଅବଧିକୁ ୩୬ ମାସକୁ ବୃଦ୍ଧି କରାଯାଇଛି । ଏହା ସହିତ, ଆକାଉଣ୍ଟରେ ସର୍ବଦା ୨୫% ସର୍ବନିମ୍ନ ବାଲାନ୍ସ ରଖିବା ବାଧ୍ୟତାମୂଳକ କରାଯାଇଛି, ଅର୍ଥାତ୍ କୌଣସି ପରିସ୍ଥିତିରେ ସମ୍ପୂର୍ଣ୍ଣ ରାଶି ଉଠାଣ ସମ୍ଭବ ନୁହେଁ । ଏହି ପରିବର୍ତ୍ତନ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତର ଆଇଟି ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ବ୍ୟାପକ ଛଟେଇ ଦେଖାଯାଉଛି । ଟିସିଏସ୍, ଇନଫୋସିସ୍ ଏବଂ ୱିପ୍ରୋ ଭଳି ବଡ଼ କମ୍ପାନୀମାନେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିଛନ୍ତି । ଆକଳନ ଅନୁଯାୟୀ, କେବଳ ୨୦୨୫ ଶେଷ ସୁଦ୍ଧା ଆଇଟି କ୍ଷେତ୍ରରେ ୫୦,୦୦୦ରୁ ଅଧିକ ଲୋକ ଚାକିରି ହରାଇବାର ଆଶଙ୍କା ରହିଛି ।

ସରକାରଙ୍କ ଯୁକ୍ତି ହେଉଛି ଯେ ଏହି ନିୟମ କର୍ମଚାରୀମାନଙ୍କୁ ସେମାନଙ୍କର ସଞ୍ଚୟ ଅବସର ପାଇଁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ। କୁହାଯାଉଛି ଯେ ଲୋକମାନେ ପ୍ରାୟତଃ ଦୁଇ ମାସ ପରେ ନିଜର ପିଏଫ୍ ଟଙ୍କା ଉଠାଇ ନେଉଥିଲେ, ଯାହାଦ୍ୱାରା ସେମାନଙ୍କର ଦୀର୍ଘକାଳୀନ ପେନସନ ଯୋଗ୍ୟତା ପ୍ରଭାବିତ ହେଉଥିଲା । କିନ୍ତୁ ଏହି ଯୁକ୍ତି ବାସ୍ତବତାଠାରୁ ବହୁ ଦୂରରେ । ଯେତେବେଳେ ଜଣେ ବ୍ୟକ୍ତିର ଚାକିରି ଚାଲିଯାଏ, ତାଙ୍କ ପାଇଁ ଘରର ଇଏମଆଇ, ପିଲାଙ୍କ ସ୍କୁଲ ଫି ଏବଂ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଥାଏ । ଏପରି ସ୍ଥିତିରେ, ତାଙ୍କ ନିଜର କଷ୍ଟ ଅର୍ଜିତ ଧନକୁ ବ୍ୟବହାର କରିବାରୁ ବଞ୍ଚିତ କରିବା କେତେଦୂର ଯୁକ୍ତିଯୁକ୍ତ? ପୂର୍ବରୁ ଦୁଇ ମାସର ଅପେକ୍ଷା ସମୟ ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଉଥିଲା, କିନ୍ତୁ ବର୍ତ୍ତମାନ ୧୨ ମାସର ଲମ୍ବା ଅପେକ୍ଷା ସେମାନଙ୍କୁ ଋଣ କରିବାକୁ କିମ୍ବା ଅନ୍ୟ କୌଣସି ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ବାଧ କରିବ ।

ଏହି ନିୟମକୁ ବିଭିନ୍ନ ମହଲରେ କଠୋର ସମାଲୋଚନା କରାଯାଇଛି। ବିରୋଧୀ ଦଳ ଏହାକୁ ସରକାରଙ୍କ 'ଅର୍ଥନୀତିର ଭୁଲ ପରିଚାଳନା' ପାଇଁ ବେତନଭୋଗୀ ଶ୍ରେଣୀକୁ ଦଣ୍ଡିତ କରିବାର ଏକ ପ୍ରୟାସ ବୋଲି କହିଛନ୍ତି। କେତେକ ବିଶେଷଜ୍ଞ ଏହାକୁ ଏକ 'ପଛୁଆ ପଦକ୍ଷେପ' ବୋଲି ମଧ୍ୟ କହିଛନ୍ତି, ଯାହା ଶ୍ରମିକବର୍ଗର ସାମାଜିକ ସୁରକ୍ଷାର ମୂଳଦୁଆକୁ ଦୁର୍ବଳ କରୁଛି । ସେମାନଙ୍କ ମତରେ, ଭବିଷ୍ୟନିଧି ସଞ୍ଚୟ କେବଳ ଅବସରକାଳୀନ ସୁରକ୍ଷା ନୁହେଁ ବରଂ ଜୀବନର କଠିନ ସମୟରେ ଏକ ଆର୍ଥିକ ସୁରକ୍ଷା କବଚ ମଧ୍ୟ । ଏହି ନୂଆ ନିୟମ ସେହି ସୁରକ୍ଷା କବଚକୁ ଛିନ୍ନ କରିଦେଉଛି ।

ଯେଉଁମାନେ ନିଜର ଉଦ୍ୟୋଗ ଆରମ୍ଭ କରିବାକୁ ଚାହାଁନ୍ତି କିମ୍ବା ବିଦେଶ ଯିବାକୁ ଯୋଜନା କରୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଏହି ନିୟମ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିବ । ନିଜର ପିଏଫ୍ ଟଙ୍କାକୁ ବ୍ୟବହାର କରିବାରେ ବିଳମ୍ବ ସେମାନଙ୍କର ଭବିଷ୍ୟତ ଯୋଜନାକୁ ବାଧାପ୍ରାପ୍ତ କରିପାରେ । ସରକାରଙ୍କ ଉଦ୍ଦେଶ୍ୟ ଯଦିଓ ସଞ୍ଚୟକୁ ପ୍ରୋତ୍ସାହିତ କରିବା, ତେବେ ଏହାର କାର୍ଯ୍ୟକାରିତା ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ନକାରାତ୍ମକ ପ୍ରଭାବ ପକାଇବ ।

ଏହା ସ୍ପଷ୍ଟ ଯେ ଇପିଏଫ୍‌ଓରେ ଏହି ନୂତନ ପରିବର୍ତ୍ତନଗୁଡ଼ିକ ବର୍ତ୍ତମାନର ଚାକିରି ସଙ୍କଟକୁ ଆଖିରେ ରଖି କରାଯାଇନାହିଁ । ଏହା ଏକ ପ୍ରକାରର ଅସମ୍ବେଦନଶୀଳ ନିଷ୍ପତ୍ତି, ଯାହା ଚାକିରି ହରାଇଥିବା ବ୍ୟକ୍ତିର ଆର୍ଥିକ ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ କରୁଛି । ସରକାର ଏବଂ ଇପିଏଫ୍‌ଓ ଏହି ନିୟମଗୁଡ଼ିକର ପୁନର୍ବିଚାର କରିବା ଜରୁରୀ, ଯାହାଦ୍ୱାରା କର୍ମଚାରୀମାନଙ୍କର ସ୍ୱାର୍ଥ ସୁରକ୍ଷିତ ରହିପାରିବ ଏବଂ ସେମାନେ ନିଜର ସଙ୍କଟକାଳୀନ ସମୟରେ ନିଜ ସଞ୍ଚୟକୁ ସହଜରେ ବ୍ୟବହାର କରିପାରିବେ । ନଚେତ୍, ସାମାଜିକ ସୁରକ୍ଷାର ଏହି ପ୍ରମୁଖ ସ୍ତମ୍ଭ ଏକ ଲୁହା ପିଞ୍ଜରାରେ ପରିଣତ ହୋଇଯିବ, ଯେଉଁଠି ଧନ ଥିବ କିନ୍ତୁ ତାହାକୁ ବ୍ୟବହାର କରିବାର ଅଧିକାର ନଥିବ ।

# 'ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି'



## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର



ଆଜିର ସମୟରେ ଅନେକ ହୁଏତ ଜାଣିନଥାନ୍ତି ବିଶେଷକରି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ନିଶ୍ଚେତକର ଭୂମିକା ଓ ସ୍ୱତନ୍ତ୍ର ଭାବେ ଆନାସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କ'ଣ? କାରଣ ନିଶ୍ଚେତକକୁ ସାଧାରଣରେ ଏକ ପ୍ରକାର ନିଶା ଭାବି ଏହି ବ୍ୟବସ୍ଥାର ଚିକିତ୍ସକଙ୍କୁ ସାଧାରଣ ଡାକ୍ତର ଭାବେ ବିଚାର କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟର ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତି କ୍ଷେତ୍ର ଭିତରେ ନିଶ୍ଚେତକର ଭୂମିକା ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ଅତ୍ୟାବଶ୍ୟକ ଜୀବନ ନିର୍ବାହର କ୍ଷେତ୍ର ହେବାକୁ ଯାଉଛି। ୧୮୫୭ ମସିହାର କଥା। ଚିକିତ୍ସା ଜଗତରେ ବିଶେଷକରି ଶଲ୍ୟ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା। ଜଣେ ଆମେରିକୀୟ ନିଶ୍ଚେତକ ଚିକିତ୍ସ ଡବ୍ଲ୍ୟୁଟିଜି ମୋର୍ଟନ ଅତି ସାହାସର ସହିତ ମାସାଚୁସେଟସ୍‌ର ଏକ ପ୍ରେକ୍ଷାଳୟରେ, ଜନସାଧାରଣଙ୍କ ସମ୍ମୁଖରେ ନିଶ୍ଚେତକର ଦ୍ରବ୍ୟଗୁଣ ଏବଂ ଇଥର ଉପରେ ତା'ର ପ୍ରତିକ୍ରିୟା ସମ୍ବନ୍ଧରେ ସବିଶେଷ ପ୍ରଦର୍ଶନ କରିଥିଲେ। ପରେ ଏହା ଶତାବ୍ଦୀର ଆଶ୍ଚର୍ଯ୍ୟ ଔଷଧ ଭାବେ ପରିଚିତ ହୋଇଥିଲା। ଔଷଧୀୟ ଜଗତର ଏହି ଆଶ୍ଚର୍ଯ୍ୟଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ପରେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଆଜି ନିଶ୍ଚେତକ ଚିକିତ୍ସକମାନେ ଅଜଣା ହୋଇ ରହିଛନ୍ତି। ଅକ୍ଟୋବର ମାସ ୧୬ ତାରିଖରେ ବିଶ୍ୱ ନିଶ୍ଚେତକ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି।' ଏହି ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଜନସାଧାରଣଙ୍କୁ ସମ୍ବେଦନଶୀଳ, ମହତ୍ତ୍ୱପୂର୍ଣ୍ଣ ଔଷଧର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଅବଗତ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଜି ସ୍ୱାସ୍ଥ୍ୟ ବିଜ୍ଞାନରେ ନିଶ୍ଚେତକ ତତ୍ତ୍ୱ ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ନିଶ୍ଚେତକ ବିଶେଷଜ୍ଞ ବିନା ଅସମ୍ଭବ। ଉଭୟ ଶଲ୍ୟ ଚିକିତ୍ସା ଓ ଚିକିତ୍ସକଙ୍କ ପ୍ରମୁଖ ସାଥୀ ଓ ସହଯୋଗୀ ହେଉଛନ୍ତି ନିଶ୍ଚେତକ ବିଶେଷଜ୍ଞ। ଯେ କୌଣସି ହସ୍ପିଟାଲର ଆଇସିୟୁ ସହିତ ଏମାନଙ୍କର ଅନ୍ତରଙ୍ଗ ସମ୍ପୃକ୍ତି। ସ୍ଥଳ ବିଶେଷରେ ନିଶ୍ଚେତକ ଡାକ୍ତରମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ନିଶ୍ଚେତକ ବିଶେଷଜ୍ଞ ରୋଗୀର ସୁଗମ ଅସ୍ତ୍ରୋପଚାର ପାଇଁ କ୍ଷେତ୍ର ପ୍ରସ୍ତୁତି କରିଥାନ୍ତି ଏବଂ ତାର କଷ୍ଟ ଲାଘବ ପାଇଁ ଅହରହ ପ୍ରସ୍ତୁତଥାନ୍ତି। ଏହି ଉଚ୍ଚ ପ୍ରଶିକ୍ଷଣପ୍ରାପ୍ତ ବ୍ୟକ୍ତିମାନେ ଅସଂଖ୍ୟ ରୋଗୀମାନଙ୍କ ଜୀବନ ରକ୍ଷା କରିଥାନ୍ତି।

ସାଧାରଣତଃ ଆନାସ୍ଥେସିଆ ତିନି ପ୍ରକାରର। ଜେନେରାଲ, ରଜିଓନାଲ ଓ ଲୋକାଲ। ଜେନେରାଲ ଆନାସ୍ଥେସିଆ ବଡ଼ ବଡ଼ ଅସ୍ତ୍ରୋପଚାର ସମୟରେ ପ୍ରୟୋଗ ହେଉଥିବାବେଳେ ରଜିଓନାଲ ଆନାସ୍ଥେସିଆ ପ୍ରୟୋଗ ଫଳରେ ଶରୀରର ଏକ ବଡ଼ ଅଂଶ ବଧିରା ହୋଇଥାଏ। ରୋଗୀ ବେହୋସ ହୋଇ ନଥାଏ କିନ୍ତୁ ସେ ଯନ୍ତ୍ରଣା ଅନୁଭବ କରିପାରିନଥାଏ। କିନ୍ତୁ ଲୋକାଲ ଆନାସ୍ଥେସିଆ ଦ୍ୱାରା ଶରୀରର କୌଣସି ଏକ ଅଙ୍ଗର ଛୋଟିଆ ଅଂଶକୁ ବଧିରା କରାଯାଇଥାଏ। ଜେନେରାଲ ଆନାସ୍ଥେସିଆ ବା ସାଧାରଣ ନିଶ୍ଚେତକ ବ୍ୟବହାର ହେଲେ ମସ୍ତିଷ୍କକୁ ଯନ୍ତ୍ରଣା ସୂଚାଉ ଥିବା ସ୍ନାୟୁ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଲାଗି ନିଷ୍ତେଜ କରି ରଖାଯାଏ। ଏହି ନିଶ୍ଚେତକକୁ ତିନି ପ୍ରକାରରେ ଦିଆଯାଇଥାଏ। ପ୍ରଥମତଃ ଗ୍ୟାସ ରୂପେ ଉପଲବ୍ଧ ନାଇଟ୍ରସ ଅକ୍ସାଇଡକୁ ଅମ୍ଳଜାନ ସହିତ ମିଶାଇ ରୋଗୀକୁ ଶ୍ୱାସକ୍ରିୟାରେ ଦିଆଯାଏ ଦ୍ୱିତୀୟରେ ତରଳ ରୂପରେ ଆସୁଥିବା ସୋଭୋଫ୍ଲୋରେନ, ହାଲୋଥେନ, ଏନଫ୍ଲୋରେନ, ଡେସଫ୍ଲୋରେନ ଇତ୍ୟାଦିକୁ ସ୍ପେଶାଲ ଭେପୋରାଇଜର ମାଧ୍ୟମରେ ଗ୍ୟାସରେ ପରିଣତ କରାଯାଇ ପ୍ରୟୋଗ କରାଯାଏ। ତୃତୀୟରେ ନିଶ୍ଚେତକକୁ ଇଞ୍ଜିକ୍ସେନ ଜରିଆରେ ସିଧାସଳଖ ସ୍ନାୟୁରେ ପ୍ରୟୋଗ କରାଯାଏ। ଏହି କାର୍ଯ୍ୟ ପାଇଁ କୌଣସି ବି ଅସ୍ତ୍ରୋପଚାର ସମୟରେ ଜଣେ ନିଶ୍ଚେତକ ବିଶେଷଜ୍ଞ ଉପସ୍ଥିତ ଥାଆନ୍ତି। ବେଳେ ବେଳେ ଅସ୍ତ୍ରୋପଚାର ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ ହୋଇଥାଏ ସେ କ୍ଷେତ୍ରରେ ନିଶ୍ଚେତକ ବିଶେଷଜ୍ଞ ପରିସ୍ଥିତିକୁ ଚାହିଁ ଆନାସ୍ଥେସିଆ ପ୍ରୟୋଗ କରିଥାନ୍ତି। ଆନାସ୍ଥେସିଆ ପ୍ରୟୋଗ କଲାବେଳେ ରୋଗୀର ହୃଦ ସ୍ପନ୍ଦନ ଓ ପଲସ୍‌ର କ୍ଷେତ୍ରକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖାଯାଇଥାଏ।

ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ଅତି ସମ୍ବେଦନଶୀଳ ସୂକ୍ଷ୍ମ ରେଖାକୁ ନିଶ୍ଚେତକ ବିଶେଷଜ୍ଞ ପ୍ରହରୀ ସାଜି ଅହରହ ରୋଗୀଟିର କଷ୍ଟପ୍ରଦ ଯନ୍ତ୍ରଣାକୁ ଲାଘବ କରିବାର ପ୍ରଚେଷ୍ଟା ରଖିଥାନ୍ତି। ବିଶେଷକରି ଅସ୍ତ୍ରୋପଚାର ସମୟରେ ନିଶ୍ଚେତକ ବିଶେଷଜ୍ଞ ରୋଗୀ ସମସ୍ତ ଅଙ୍ଗର ସୁପରିଚାଳନା ପ୍ରତି ସତର୍କ ଦୃଷ୍ଟି ରଖିଥାନ୍ତି। ରୋଗୀ ହୃତ୍‌ପିଣ୍ଡ, ମସ୍ତିଷ୍କ, ନିଃଶ୍ୱାସ-ପ୍ରଶ୍ୱାସ, ବୃକ୍କ ଆଦି ଶରୀରର ପ୍ରତିଟି ଅଙ୍ଗର ଅବସ୍ଥାକୁ ମଧ୍ୟ ଅନୁଧ୍ୟାନ କରିଥାନ୍ତି। ଅସ୍ତ୍ରୋପଚାର ପୂର୍ବରୁ ରୋଗୀକୁ ସଂଜ୍ଞାହୀନ କରାଇବା, ରୋଗୀର କଷ୍ଟକୁ ଯଥାସମ୍ଭବ ସୀମିତ କରାଇବା ଏବଂ ଶଲ୍ୟ ଚିକିତ୍ସକମାନଙ୍କୁ ସହଜ ଓ ସାବଲୀଳ ପ୍ରକ୍ରିୟାରେ ଅସ୍ତ୍ରୋପଚାର କାର୍ଯ୍ୟରେ ସହାୟତା ପ୍ରଦାନ କରିବା ଇତ୍ୟାଦି ନିଶ୍ଚେତକ ବିଶେଷଜ୍ଞମାନଙ୍କ ମୁଖ୍ୟ ଭୂମିକା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆନାସ୍ଥେସିଆ ପ୍ରୟୋଗ ଓ ପରବର୍ତ୍ତୀ ସମୟରେ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥାର ଗୁରୁତ୍ୱପୂର୍ଣ୍ଣ କାର୍ଡ଼ିଓଲୋଜି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଅନେକ ସମୟରେ ଦେଖାଯାଏ ନିଶ୍ଚେତକ ପରିମାଣ ସାମାନ୍ୟ ଅଧିକ ହୋଇଗଲେ ବଧିରା ଛାଡ଼ିବା ପାଇଁ ଅଧିକ ସମୟ ଲାଗିଥାଏ। ସେହିପରି ଯଦି ଡୋଜ ମାତ୍ରାଧିକ ହୋଇଥାଏ ତେବେ ରୋଗୀ ହୋସ ଫେରି ନପାଇବା ଆଶଙ୍କା ବି ରହେ। ପୁଣି ମସ୍ତିଷ୍କ କିମ୍ବା ହୃତପିଣ୍ଡର କୌଣସି ସର୍ଜରୀ ସମୟରେ କୌଣସି ଡୋଜ ଅଧିକ ହୋଇଯାଏ ତେବେ ଅମ୍ଳଜାନ ପରିମାଣ କମିଯିବାର ଆଶଙ୍କା ଦେଖାଦିଏ। ହୃଦସ୍ପନ୍ଦନର ବେଗ କମିଯିବାର ଆଶଙ୍କା ବି ଥାଏ। କିନ୍ତୁ ଆଜି କାଲି ଆଧୁନିକ ଚିକିତ୍ସା ପଦ୍ଧତିରେ ସମସ୍ୟାର ପର୍ଯ୍ୟବେକ୍ଷଣ ହୋଇପାରୁଛି।

ଆନାସ୍ଥେସିଆ ବିଶେଷକରି ସ୍ପାଇନାଲ ଇଞ୍ଜେକ୍ସନ ନେବା ପରେ ଗୋଡ଼ ବିନ୍ଧା, ଅଣ୍ଟାବିନ୍ଧା ପରି କିଛି ଲକ୍ଷଣ ଦେଖାଯିବାର ସମ୍ଭାବନା ଥାଏ। ତେବେ ଏହା ସ୍ପାଇନାଲ ଆନାସ୍ଥେସିଆ ପାଇଁ ହୋଇନଥାଏ ବରଂ ଛୁଞ୍ଚି ଯଦି ହାଡ଼ରେ ବାଜିଯାଏ ତେବେ ଯନ୍ତ୍ରଣା କିଛି ଦିନ ପାଇଁ ରହିଥାଏ ମାତ୍ର ଏହା ଦୀର୍ଘ ସ୍ଥାୟୀ ନୁହେଁ। ତେବେ ଜଣେ ରୋଗୀ ବାରମ୍ବାର କୌଣସି କାରଣ ବଶତଃ ଅସ୍ତ୍ରୋପଚାରକୁ ସାମ୍ନା କରୁଥିଲେ ଏହା ତାଙ୍କ ମସ୍ତିଷ୍କ ଉପରେ କିଛି ପରିମାଣର ପ୍ରଭାବ ପକାଇ ପାରେ। ସାଧାରଣ ନିଶ୍ଚେତକ ନେବା ପରେ କେତେକ କ୍ଷେତ୍ରରେ ରୋଗୀଙ୍କ ଠାରେ ବାଉଳି ଚାଉଳି ହେବା, ବାନ୍ତି ଓ ମୁଣ୍ଡବିନ୍ଧା ପରି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ। ଏପରି ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ସହ ରୋଗୀଙ୍କୁ ଭଲ ଭାବେ ଶୋଇବାକୁ ଦିଅନ୍ତୁ। କାଳକ୍ରମେ ଯାନ୍ତ୍ରିକ ସୁବିଧା ସୁଯୋଗର ଉନ୍ନତି ଏବଂ ଉଚିତ ଅନୁଧ୍ୟାନ କରିବାର ପର୍ଯ୍ୟାପ୍ତ ଆଧୁନିକ ସୁବିଧା ସୁଯୋଗର ଉପଲବ୍ଧ ହୋଇପାରିଛି। ଫଳତଃ ନିଶ୍ଚେତକ ବିଶେଷଜ୍ଞମାନେ ଅସ୍ତ୍ରୋପଚାର ସମୟରେ ରୋଗୀ ଜୀବନରକ୍ଷା ପ୍ରତି ଉଚିତ ଅନୁଧ୍ୟାନ କରିପାରିଛନ୍ତି। ଏବେ ନିଶ୍ଚେତକ ବିଶେଷଜ୍ଞଙ୍କ ଭୂମିକା ଅଧିକ ବ୍ୟାପ୍ତ ହୋଇଛି। କେବଳ ଅସ୍ତ୍ରୋପଚାର ଗୃହରେ ସୀମିତ ନ ରହି ଏମାନଙ୍କ କାର୍ଯ୍ୟଧାରା ଓପିଡ଼ି, ପେନ୍ କ୍ଲିନିକ ଏବଂ ଆଇସିୟୁ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଯାଇଛି। ବିଶ୍ୱସ୍ତରୀୟ ଚିକିତ୍ସା ବ୍ୟବସ୍ଥାରେ ନିଶ୍ଚେତକର ବ୍ୟବହାର ବିଶେଷ ଆଦୃତ ହେବା ସହ ଭିନ୍ନ ଭିନ୍ନ ଅପରେସନ ପାଇଁ ନିଶ୍ଚେତକର ପ୍ରୟୋଗ ପ୍ରଣାଳୀ ଓ ସମୟ ଅବଧି ଅଲଗା ରହିଥାଏ। ନିଶ୍ଚେତକ ଶିକ୍ଷା ଆଜିର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଯେକୌଣସି ଅପରେସନ ହେଉ ନା କାହିଁକି ନିଶ୍ଚେତକ ବିଶେଷଜ୍ଞଙ୍କ ବିନା ପରାମର୍ଶ ଓ ଡୋଜ୍ ବ୍ୟବହାର ଦ୍ୱାରା ରୋଗୀର ମୃତ୍ୟୁ ସୁନିଶ୍ଚିତ ହୋଇଥାଏ। ଏପରି କ୍ଷେତ୍ରରେ ନିଶ୍ଚେତକ ବିଶେଷଜ୍ଞଙ୍କ ଅଭିଜ୍ଞତା ଓ ଚିକିତ୍ସା ପ୍ରଣାଳୀ ସ୍ୱତନ୍ତ୍ର ଗୁରୁତ୍ୱବହନ କରେ। ଆଜି ସରକାରୀ ଓ ବେସରକାରୀ ଚିକିତ୍ସା ପ୍ରତିଷ୍ଠାନରେ ନିଶ୍ଚେତକ ଶିକ୍ଷା ସମ୍ବନ୍ଧୀୟ କୋର୍ସ ଗୁରୁତ୍ୱ ରଖିବାସହ ଅନେକ ଛାତ୍ରଛାତ୍ରୀ ନିଜ ସ୍ୱାସ୍ଥ୍ୟ ଚିକିତ୍ସକ କ୍ୟାରିୟରରେ ନିଶ୍ଚେତକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ନିଶ୍ଚେତକ ସ୍ୱାସ୍ଥ୍ୟ ବିଜ୍ଞାନ ଆଜିର ସମୟରେ ଅନେକ ଗୁରୁତ୍ୱ ବହନ କରିବା ସହ ଏହାର କ୍ଷେତ୍ରଗତ ପ୍ରଣାଳୀ ଓ ବିଧି ବ୍ୟବସ୍ଥା ଅଧିକ ଶିକ୍ଷଣୀୟ ହେଉଛି।

ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ଜୀବଙ୍କ ସୁରକ୍ଷା ଜଗତ ରକ୍ଷା



## ରାଜସ୍ମିତା ବାରିକ୍

ଈଶ୍ୱରଙ୍କ ସୃଷ୍ଟି ରେ ବନ୍ୟ ପ୍ରାଣୀ ଏକ ଅଂଶବିଶେଷ। ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ବନ୍ୟପ୍ରାଣୀ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।ବର୍ତ୍ତମାନ ସମୟ ରେ ବନ୍ୟପ୍ରାଣୀ ମାନେ ସଙ୍କଟପର୍ଣ୍ଣ ଅବସ୍ଥା ରେ ରହିଛନ୍ତି। ଈଶ୍ୱରଙ୍କ ସୃଷ୍ଟି ରେ ମନୁଷ୍ୟ ବିଚାର ସମ୍ପନ୍ନ ଶ୍ରେଷ୍ଠ ପ୍ରାଣୀ ହୋଇଥିଲେ ମଧ୍ୟ ଧୀରେ ଧୀରେ ମନୁଷ୍ୟ ଅବିବେକି ହୋଇଯାଉଛି। ବନ୍ୟପ୍ରାଣୀ ମାନଙ୍କ ବାସସ୍ଥାନ ଜଙ୍ଗଲକୁ ନଷ୍ଟ କରୁଛି। ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ମନୁଷ୍ୟ ଜଙ୍ଗଲକୁ କାଟୁଛି । ନିଜ ବାସସ୍ଥାନ ନଷ୍ଟ ହେବାରୁ ଜୀବଜନ୍ତୁ ଗ୍ରାମ ଏବଂ ସହର ମୁହାଁ ହେଉଛନ୍ତି। ବର୍ତ୍ତମାନ ସମୟ ରେ ହାତୀ, ବାଘ, ଭାଲୁ ପରି ଜନ୍ତୁ ମାନେ ପାହାଡ ପାଖ ଗ୍ରାମକୁ ଆସୁଛନ୍ତି। ବନ୍ୟପ୍ରାଣୀ ମାନଙ୍କର ଉପଯୁକ୍ତ ସୁରକ୍ଷା ନ କରିବାରୁ ଧୀରେ ଧୀରେ ଅନେକଙ୍କ ବଂଶ ଲୋପ ପାଇବାରେ ଲାଗିଛନ୍ତି । ଅନେକ ସମୟରେ ଦେଖାଯାଏ ପଶୁପକ୍ଷୀ ମାନଙ୍କୁ ନିର୍ମମ ଭାବେ ଶିକାର କରି ତାଙ୍କର ମୂଲ୍ୟବାନ ଦାନ୍ତ,ଚମଡା,ପର, ଶିଙ୍ଗକୁ ବିକ୍ରି କରାଯାଉଛି। ବନ୍ୟପ୍ରାଣୀ ମାନଙ୍କୁ ସୁରକ୍ଷା ଦେବା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇଛି। ଏହି ଆଇନ ଅନୁଯାୟୀ ବନ୍ୟପ୍ରାଣୀମାନଙ୍କୁ ଶିକାର କରାଯାଇ ପାରିବ ନାହିଁ । ପରିବେଶକୁ ସୁସ୍ଥ ରଖିବାରେ ପଶୁପକ୍ଷୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାଉ, ଶାଗୁଣା ପକ୍ଷୀ ମାନେ ପରିବେଶ ରେ ମଲା ଜୀବଜନ୍ତୁ ମାନଙ୍କୁ ଖାଇ ପରିବେଶକୁ ପରିଷ୍କାର କରନ୍ତି। ତେଣୁ ଜୈବବିବିଧତା ଓ ଜୈବ ମଣ୍ଡଳର ସୁରକ୍ଷା ଦିଗରେ ବନ୍ୟ ପ୍ରାଣୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ପ୍ରକୃତିର ନିୟମ ଅନୁସାରେ ପଶୁ ପକ୍ଷୀମାନେ ମଧ୍ୟ ଜଙ୍ଗଲକୁ ସୃଷ୍ଟି କରନ୍ତି । ପକ୍ଷୀ ମାନେ ଖାଉଥିବା ଖାଦ୍ୟଶସ୍ୟର ମଞ୍ଜି ମଳରେ ବାହାରେ ସେଥିରୁ ମଧ୍ୟ ବୃକ୍ଷ ହୋଇଥାଏ। ସେହିପରି ଅନେକ ପଶୁ ଫଳ ଖାଇବା ସମୟରେ ହେଉ ଅବା ତାକୁ ନିଜର ପରବର୍ତ୍ତୀ ସମୟରେ ଭୋଜନ ପାଇଁ କିମ୍ବା ନିଜର ଆତ୍ମୀୟଙ୍କ ପାଇଁ ସାଇତି ରଖିବା ସମୟରେ ତାକୁ ମାଟି ଭିତରେ ପୋତି ଦେଇଥାନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନେ ଭୁଲିଯିବା କାରଣରୁ ତାହା ଅଙ୍କୁରୋଦଗମ ହୋଇ ନୂଆ ପରିବେଶ ଓ ଜଙ୍ଗଲ ସୃଷ୍ଟି କରିଥାଏ ।

ବିଷ୍ଣୁ ପୁରାଣ ଅଧ୍ୟୟନ କରିଲେ ଦେଖାଯାଏ ଭଗବାନ ବିଭିନ୍ନ ରୂପରେ ଭକ୍ତଙ୍କ ରକ୍ଷା କରିଛନ୍ତି। ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ ଅବତାରରେ ଭକ୍ତଙ୍କୁ ଭଗବାନ ଦର୍ଶନ ଦେଇଛନ୍ତି କ୍ଷ ସେହିପରି ଗଣେଶ, ହନୁମାନ, ବାରାହୀ, ଗରୁଡ଼, ନାଗ ଦେବତା, ମୟୂରଙ୍କୁ ଆମେ ପୂଜାର୍ଚ୍ଚନା କରିଥାଉ । ଆମର ଐତିହ୍ୟ, ଧର୍ମ ଧାରଣା ରେ ମଧ୍ୟ ଜୀବଜନ୍ତୁଙ୍କ ମହତ୍ତ୍ୱ ରହିଆସିଛି। ବୌଦ୍ଧ ଓ ଜୈନ ଧର୍ମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଚୀନ କାଳରୁ ଗୁରୁତ୍ୱ ଦିଆଯାଇଛି। ପ୍ରକୃତି ଓ ମାନବ ସମାଜ ପରସ୍ପର ପରିପୂରକ, ଯାହାକି ଆଦିମ କାଳରୁ ରହିଆସିଛି । ପୁରାତନ କାଳରେ ମନୁଷ୍ୟ ଜଙ୍ଗଲରେ ବସବାସ କରୁଥିଲା । ଜଙ୍ଗଲରୁ ପଶୁପକ୍ଷୀ ଶିକାର କରି ଫଳ ସଂଗ୍ରହ କରି ନିଜର ପେଟ ପୋଷୁ ଥିଲା। ଜଙ୍ଗଲ ଥିଲା ଆଦିମାନବର ଜନ୍ମଭୂମି ଓ କର୍ମଭୂମି । ସେହି ସମୟରେ ମନୁଷ୍ୟ ଜଙ୍ଗଲର ସୁରକ୍ଷା କରିବା ସହିତ ବୃକ୍ଷ ଓ ପଶୁ ମାନଙ୍କୁ ପୂଜା କରୁଥିଲା । ସେହି ସମୟ ରେ ମନୁଷ୍ୟ ଜଙ୍ଗଲ ଓ ଜଙ୍ଗଲ ର ପଶୁ ପକ୍ଷୀ ମାନଙ୍କୁ ଭଲ ପାଉଥିଲା କିନ୍ତୁ ମଣିଷ ମଧ୍ୟରେ ଆଧୁନିକତାର ମାୟାଜାଲ ରୂପୀ ଲୋଭରେ ପଡ଼ି ନିଜର ବାସ ସ୍ଥାନ ନଷ୍ଟ କରି ଚାଲିଛି।

ଜନସଂଖ୍ୟା ବୃଦ୍ଧି ପାଇଁ ମନୁଷ୍ୟ ଜଙ୍ଗଲ କାଟି ଘର, ରାସ୍ତା ଏବଂ ବଡ଼ ବଡ଼ କଳ କାରଖାନା ତିଆରି କରୁଛି। ଅନେକ ସ୍ଥାନରେ ଦେଖାଯାଏ ଗ୍ରୀଷ୍ମ ଦିନରେ ସାଧାରଣ ଲୋକ ଏବଂ ଶିକାରୀ ମାନେ ଜଙ୍ଗଲରେ ନିଆଁ ଲଗାଇ ଦେବା ଯୋଗୁଁ ବହୁତ୍ ନିରୀହ ପଶୁ ପକ୍ଷୀମାନଙ୍କର ଜୀବନ ଚାଲି ଯାଉଛି । କିଛି ଜଣ ପୋଡୁଚାଷ କରନ୍ତି ଆଉ କିଛି ଜଣ ନିଜର ସ୍ୱାର୍ଥ ସାଧନ ପାଇଁ ଏହିପରି ସ୍ୱାର୍ଥ ସିଦ୍ଧ କର୍ମ କରିଥାନ୍ତି । କିନ୍ତୁ ବର୍ତ୍ତମାନ ସମୟ ରେ ସରକାର ପଶୁପକ୍ଷୀ ମାନଙ୍କୁ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର ବିଭିନ୍ନ ସମାଜ ସେବୀ ଅନୁଷ୍ଠାନ ମାନଙ୍କୁ ସହାୟତା ରାଶି ଯୋଗାଇ ଦେଉଛନ୍ତି। ହାତୀମାନଙ୍କ ସୁରକ୍ଷା ପାଇଁ ସରକାର 'ହାତୀ କରିଡ଼ର' କରାଯାଇଛି । ଅନେକ ସ୍ଥାନରେ ଅଭୟାରଣ୍ୟ, ଜୈବ ମଣ୍ଡଳ, ଚିଡ଼ିଆଖାନା କରାଯାଇ ବନ୍ୟପ୍ରାଣୀଙ୍କ ସୁରକ୍ଷା କରାଯାଉଛି । ପ୍ରତିବର୍ଷ ବିଭିନ୍ନ ସମୟରେ ଜୀବଜନ୍ତୁଙ୍କ ସଂଖ୍ୟା ଗଣନା କରାଯାଇ ଏହାକୁ ସମୀକ୍ଷା କରାଯାଉଛି। ଆସାମ ପରି ରାଜ୍ୟରେ ହାତୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାନଙ୍କରେ ମହୁଚାଷ କରାଯାଉଛି। ଫଳରେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ହାତୀ ପାଇଁ ବିରକ୍ତିକର ହୋଇଥିବାରୁ ସେ ଉକ୍ତ ସୀମାରେଖା ଅତିକ୍ରମ ନ କରି ପୁଣି ନିଜ ବାସସ୍ଥାନକୁ ଫେରିଯାଏ । ଏହି ପଦ୍ଧତି ସମସ୍ତ ରାଜ୍ୟ ଓ ଅଞ୍ଚଳ ଯେଉଁଠାରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି, ସେଠାରେ ପ୍ରୟୋଗ ହେବା ଆବଶ୍ୟକ । ଫଳରେ ଗଜରାଜ ସୁରକ୍ଷା ପାଇବା ସହ ଲୋକଙ୍କ ଧନ, ଜୀବନ ଓ ଖାଦ୍ୟାନ୍ନ ସୁରକ୍ଷିତ ହୋଇପାରିବ ।

ଆସନ୍ତୁ ବନ୍ୟ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ମିଳିତ ଉଦ୍ୟମ କରିବା । ସେମାନେ ନିରୀହ ସତ କିନ୍ତୁ ନିରନ୍ତର ପ୍ରକୃତିର ରକ୍ଷକ ଓ ଉପାସକ । ସେମାନେ ଅଛନ୍ତି ବୋଲି ଆଜି ମାନବ ସଭ୍ୟତା ଅଛି । ଚାର୍ଲସ୍ ଡାରବିନଙ୍କ ବିବର୍ତ୍ତନବାଦକୁ ଲକ୍ଷ୍ୟ କରିଲେ ଦେଖାଯାଏ ମାଙ୍କଡ଼ଙ୍କଠାରୁ ଆରମ୍ଭ କରି ଆଧୁନିକ ମାନବ ସଭ୍ୟତା ବିକାଶ ହେବାରେ ଲାଗିଛି । ତେଣୁ ନିଜର ପୂର୍ବ ପିଢ଼ିଙ୍କ ସୁରକ୍ଷା ପାଇଁ ସମସ୍ତେ ସଜାଗ ହେବା ଆବଶ୍ୟକ ।

ନୀଳଗିରି,ବାଲେଶ୍ୱର

## ଦୁଃଖ ତ ଏତିକି

### ଜଗନ ପାଳ

ବୁଝିବାର ଥିଲା ଯେତେ ସବୁ କଥା
ବୁଝିପାରିଲନି କିଛି
ହାତ ଧରି ବାଙ୍କୁ ହାତ ବଢ଼େଇଲ
ଅଧା ବାଟେ ଦେଲ ଠକି ।

ଆଖି ରହିଥିଲା ଅପଲକେ ଚାହିଁ
ତମେ ତ ଫେରିଲ ନାହିଁ
ଇଚ୍ଛା ଯେତେ ସବୁ ଆଶା ରେ ରହିଲେ
ଲୁହ ଆଖିରୁ ଶୁଖିଲା ନାହିଁ ।

ମନ ଭଙ୍ଗା ଘରେ ଦଦରା କାନ୍ଥଟେ
ହୃଦୟ ହୋଇ ସାରିଛି
ତୁମକୁ ଭାବିଲେ ଲୁହ ଯେତେ ସବୁ
ପ୍ରାୟଶ୍ଚିତ ହୋଇ ବହି ଯାଉଛି

ତୁମେ ରହିଲନି ସ୍ମୃତି ତୁମ ମତେ
ତଳିତଳାନ୍ତ କରୁଛି
ଅନୁତାପ ନିଆଁ କୁହୁଳୀ କୁହିଳୀ
ଅଗ୍ନିଉଦ୍ଗିରଣ ସାଜିଛି ।

ଭଲପାଇବା ଟା ଭୁଲ ଥିଲା ମୋର
ଭଲ ଭାବେ ବୁଝି ସାରିଛି
ଆଉ ଏ ଜୀବନେ ହସ ଖୋଜିବିନି
ସବୁ ଖୁସି ତୁମ ପାଖେ ଛାଡ଼ି ଦେଇଛି ।

ଏବେ ବି ଅପେକ୍ଷା ଜାଣେନା କାହିଁକି
ନ ଭାବିଲେ ତତେ ଅଣନିଶ୍ୱାସି ଲାଗୁଛି
ତୁ ଛାଡ଼ିଗଲୁ ହେଲେ ମୁଁ ଏ ଯାଏଁ
ନା ତତେ ଭୁଲି ପାରୁଛି ।

+ ଚରିମାଢିଆ, ବନ୍ଧାଳ, ବାଙ୍କୀ,
କଟକ- ୭୫୪୦୩୦,
ମୋ: ୯୬୬୮୫୬୩୦୦୩




## ଏଇତ ମୋ ଓଡ଼ିଆ ସଂସ୍କୃତି

### ଡ. ଶୁଭେନ୍ଦୁ ମେହେର



ପୂର୍ବାମ୍ବୁଜ ଉପକୂଳେ
ରହିଛି ମୋ' କାଳିଆ ସାଆନ୍ତ,
ଦର୍ଶନ ଲଭିଲା ମାତ୍ରେ
ମୋକ୍ଷହୁଏ ଜୀବନର ପଥ ।
ଯା' ଅଇଁଠା ଭାତ ପାଇଁ
ଇତିହାସେ ଜଗତ ବ୍ୟାଗ୍ରତ
ଯାହାର ଇଙ୍ଗିତେ ଚାଲେ ସମଗ୍ର ଜଗତ।

ଏବେ ତ....!
ଧର୍ମାଚରଣର ମାସ
ଓଡ଼ିଆ ଭକତଙ୍କ ଲାଗିଛି ହବିଷ ।
ଶୀତ ସକାଳର ତନ୍ଦ୍ରାଭିତରେ
ଓଡ଼ିଆ ବୋହୂର ଲାଜୁକି ହସ
କୁହୁଡ଼ି ଘେରା ସେ' ଚଉରା ମୂଳରେ
ରଙ୍ଗମୁରୁଜର ରଙ୍ଗୀନ ବେଶ ।।

ସନ୍ଧ୍ୟା ଆକାଶରେ ପକ୍ଷୀର କାକଳି
କିଚିରି ମିଚିରି ଶବ୍ଦର ଝଙ୍କାରେ
ଆକାଶ ଦୀପର ଉର୍ଦ୍ଧ୍ୱଗତି ।
ସିନ୍ଦୁରା ଫାଟିବା କ୍ଷଣକ ଆଗରୁ
ପ୍ରତ୍ୟୁଷରେ ଶୁଭେ ପ୍ରଭାତୀ ଗୀତି
ଏଇ ତ ମୋ' ଓଡ଼ିଆ ସଂସ୍କୃତି ।।

ଅଙ୍ଗେ ଅଙ୍ଗେ ଯା'ର କଳାର ବିଭବ
ସିଏ ହିଁ ମୋ' ବିଜୟୀ କଳିଙ୍ଗ
ସମର ସଜ୍ଜା ଓ ଭାସ୍କର୍ଯ୍ୟ କଳାରେ
ଉତ୍କର୍ଷ ମୋ' ପ୍ରଦେଶ ଉତ୍କଳ
ଓଡ଼ିଆ ପରମ୍ପରାର ଅମ୍ଳାନ ସ୍ୱାକ୍ଷର
ସଭ୍ୟତା ଓ ସଂସ୍କୃତି ଭିତରେ
ଆ, କା, ମା, ବୈ,
ଐତିହାସିକ ଗୁଞ୍ଜରଣ ।
ଆନମ, କାମ୍ବୋଡିଆ,
ମାଳୟ, ବାଲିଦ୍ୱୀପକୁ
ନୌଯାତ୍ରାର ଅୟମାରମ୍ଭ ।

ଚାରୁ ହାସ୍ୟମୟୀ....!
ଜଗନ୍ନାଥ ଦେଶେ ଉତ୍କଳ ପ୍ରଦେଶେ
ସାଧବାଣୀ କଳିଙ୍ଗ ରମଣୀ
ସାଧବ ପୁଅଙ୍କୁ ଦିଏ ସାଦରେ ମେଲାଣି
ଉଇଁ ଆସେ ପୂର୍ବାକାଶେ
ପୂର୍ଣ୍ଣିମା'ର ଇନ୍ଦୁ
ସାଧବ ବୋଇତ ଯାଏ ଲଙ୍ଘି ସପ୍ତସିନ୍ଧୁ।

ଗୌରବପୂର୍ଣ୍ଣ ସେ' ଓଡ଼ିଆ ପୁଅର
ସାତ ସିନ୍ଧୁ ଡେଇଁ ବଣିଜ ଯାତ୍ରା ।
ନୀଳ ସିନ୍ଧୁତୀରେ ନୀଳ ତରଙ୍ଗରେ
ଉତ୍କଳର ବାଲିଯାତ୍ରା ବେଳାଭୂମି ପଥେ
କହିଯାଏ ଆଜି ସଂସ୍କୃତି ବାର୍ତ୍ତା ।।

ଦରିଆ ସେ'ପାରେ ବିଭବ
ନେଇ ସେ'
ସାଧବ ବୋହୂର ବୋଇତ ବନ୍ଦାଣ
ଆଜି ବି ବଞ୍ଚିଛି ଏ ମାଟି ଦେହେ ।
ଦେଶବିଦେଶରେ ଆମରି କୀରତି
ଏ ମାଟି ଗାଥା ଏ ଜାତି କଥା
ମୋ' ଓଡ଼ିଆର ଗୌରବ ଗାଏ ।।

ସାହିତ୍ୟ ରଥରେ ତୁ ଏକା ସାରଥୀ
ସାଧନାର ପଥେ ତୁହି ମୋ ସାଥି ।
ଓଡ଼ିଆ ସଂସ୍କୃତି ଭାଷାର ସମ୍ମାନ
ଗୌରବମୟ ମୋ' ଓଡ଼ିଆ ସ୍ମୃତି ।।
ସେ' ପାଇଁ ପରା ମୁଁ ଗର୍ବରେ କୁହେ
ଅପୂର୍ବ ମୋ' ଓଡ଼ିଆ ସଂସ୍କୃତି
ଅପୂର୍ବ ମୋ' ଓଡ଼ିଆ ସଂସ୍କୃତି ।

+ଯାଲୋଏ, ସୁବର୍ଣ୍ଣପୁର



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୮୩



ଡ. ସିନ୍ଧୁ ସେନ୍

## ॥ ଅଠତିରିଶ ॥

କାହାକୁ କହିବି ମୋ ମନର ବେଦନା, ମୋତେ କେହି ବୁଝୁ କି ନବୁଝୁ ମୁଁ ତ ଜାଣିଛି ମୁଁ କିଛି ଭୁଲ୍ କରିନି । ବରଂ ମୋ ଶରୀରରେ ଶେଷରକ୍ତ ବିନ୍ଦୁଥିବା ପର୍ଯ୍ୟନ୍ତ ମୁଁ ପ୍ରାଣପ୍ରଣେ ଲଢ଼ିବି । ଏହାହିଁ ମୋର ବଜ୍ରଶପଥ ।

ଲଙ୍କା ରାଜପ୍ରାସାଦର ଛାତ ଉପରେ ମୁଁ ଭାଗମଗ୍ନ ହୋଇ ବସି ରହିଥାଏ । ମନରେ ଅନେକ ଦୁଃଶ୍ଚିନ୍ତା ଉଙ୍କି ମାରୁଥିଲା । ସେଦିନ ଏକ କ୍ରୋଧିତ ମୁହୂର୍ତ୍ତରେ ସାନଭାଇ ବିଭୀଷଣଙ୍କୁ ଲଙ୍କା ଛାଡ଼ି ଚାଲିଯିବା ପାଇଁ କହିଥିଲି । ବାରମ୍ବାର ସେ ମୋତେ ସୀତାଙ୍କୁ ଫେରାଇଦେବା ଆଉ ରାମଙ୍କ ନିକଟରେ ଶରଣାପନ୍ନ ହେବା ପାଇଁ ବାଧ କରୁଥିଲା । କେତେ ଆଉ ସହିଥାନ୍ତି, ତେଣୁ ବାଧ ହୋଇ ତାକୁ ପଦାଘାତ କରି ଲଙ୍କାରୁ ବିତାଡ଼ିତ କରିଦେଲି । ସେହିଦିନ ଠାରୁ ସେ ଯାଇ ମୋ ଶତ୍ରୁଶିବିରରେ ଆଶ୍ରୟ ନେଇଛି । ଆଉ ଏବେ ସେ ହିଁ ସାଜିଛି ରାମଙ୍କ ମନ୍ତ୍ରଣାଦାତା । ରାମଙ୍କୁ ସବୁ କାର୍ଯ୍ୟରେ ସେ ହିଁ ପରାମର୍ଶ ଦେଉଥିଲେ । ଏମିତି କି ରାମଚନ୍ଦ୍ର ବିଭୀଷଣଙ୍କୁ ଲଙ୍କାର ରାଜା ରୂପେ ଅଭିଷେକ ମଧ୍ୟ କରାଇ ଦେଇଥିଲେ । ମୁଁ ଜୀବିତ ଥିଲେ ମଧ୍ୟ ମୋତେ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜା କରିବା କଥା ସର୍ବସମ୍ମୁଖରେ ଘୋଷଣା କରି ଦେଇଥିଲେ । ବିଭୀଷଣଙ୍କ ସହ ମୋ ସମ୍ପର୍କର ତିକ୍ତତାରୁ ରାମଚନ୍ଦ୍ର ତେବେ ଫାଇଦା ଉଠାଇନେଲେ । ଏହାହିଁ ମୋ ପାଇଁ ଦୁର୍ଭାଗ୍ୟ । ଏତେ ବିଫଳତା ପରେ ମଧ୍ୟ ରାବଣ ଡରିବାର ପାତ୍ର ନୁହେଁ । ମୋତେ ଆଗକୁ ଆହୁରି ଲଢ଼ିବାର ଅଛି ।

ହଁ, ମୋତେ ଆଗାମୀ ଦିନର ଯୁଦ୍ଧ ପ୍ରସ୍ତୁତି କରିବାକୁ ପଡ଼ିବ । ପରିଚାରିକା ହାତରେ ସେନାପତି ଅକମ୍ପନକୁ ଡକାଇ ପଠାଇଲି । ମୋ ଡାକରାରେ ଅକମ୍ପନ ମଧ୍ୟ ମୋ ସାମ୍ନାରେ ଆସି ଛିଡ଼ା ହେଲା । ମୋର ଆଦେଶ ଅପେକ୍ଷାରେ ନତମସ୍ତକ ହୋଇ ପଚାରିଲା ।

କୁହନ୍ତୁ ମହାରାଜ, ମୋତେ କ'ଣ ପାଇଁ ସ୍ମରଣ କଲେ ହଁ, ଏଇଥିପାଇଁ ତୁମକୁ ଡକାଇଲି ଯେ, ଆଗାମୀକାଲିର ଯୁଦ୍ଧର ଦାୟିତ୍ୱ ଆପଣ ହିଁ ନେବେ । ଆପଣ ସେଇଥିପାଇଁ ଆବଶ୍ୟକୀୟ ରାକ୍ଷସ ସେନାବାହିନୀକୁ ପ୍ରସ୍ତୁତ କରି ଯୁଦ୍ଧଯାତ୍ରାର ଆୟୋଜନରେ ଲାଗିପଡ଼ନ୍ତୁ ।

ଆପଣଙ୍କର ଆଜ୍ଞା ଶିରୋଧାର୍ଯ୍ୟ ପ୍ରଭୁ । ମୁଁ ଯିବି ନିଶ୍ଚୟ ଯିବି ।

ଲକ୍ଷ୍ୟକଲି ଅକମ୍ପନ ବହୁତ ଉତ୍ସାହର ସହ ଯୁଦ୍ଧ ପାଇଁ ଆଗ୍ରହୀ ହୋଇ ଉଠିଲେ । ନିଜ ବୀରତ୍ୱର ପରାକାଷ୍ଠା ଦେଖାଇ ମୋତେ ହାତଯୋଡ଼ି ମିନତି ଜଣାଇଲେ । ମୁଁ ମଧ୍ୟ ତାର ଯାତ୍ରାପଥରେ ଫୁଲ ବର୍ଷୁ ଏହାହିଁ କାମନା କଲି ।

ଆମ ଦୂତ ପ୍ରତିଦିନ ଯୁଦ୍ଧର ଖବର ମୋତେ ଜଣାଉଥିଲା । ଅକମ୍ପନର ବିଶାଳ ତନୁ । ରାକ୍ଷସ ବାହିନୀର ସେନାପତି । ତାଙ୍କର ବିଶାଳ ବପୁ ଦେଖିଲେ ଶତ୍ରୁପକ୍ଷ ଯେ ଭୟଭୀତ ହୋଇଯିବେ, ଏଥିରେ କିଛି ସନ୍ଦେହ ନଥିଲା । ମହାବୀର ଅକମ୍ପନକୁ ଯୁଦ୍ଧକୁ ପ୍ରେରଣ କରି ମୁଁ କିଛିଟା ଆଶ୍ୱସ୍ତ ହୋଇ ଯାଇଥିଲି ସତ, ହେଲେ ପରମୁହୂର୍ତ୍ତରେ ଆମ ଗୁପ୍ତଚର ମାନଙ୍କ ନିକଟରୁ ଯାହା ଶୁଣିଲି, ସେଥିରେ ସ୍ତମ୍ଭୀଭୂତ ହୋଇପଡ଼ିଲି । ଅକମ୍ପନକୁ ଦେଖି ରାମଚନ୍ଦ୍ର ବିଭୀଷଣଙ୍କୁ ତାର ପରିଚୟ ପଚାରିଥିଲେ । ଅକମ୍ପନ ପରିଚୟ ଦେଇ ବିଭୀଷଣ ଏହା ମଧ୍ୟ କହିଥିଲା ଯେ, ଅକମ୍ପନ ଯୁଦ୍ଧରେ ବିଜୟୀ ହେବାର ଅଭୟ ବାଣୀ ରାବଣଙ୍କୁ ଶୁଣାଇ ଯୁଦ୍ଧକ୍ଷେତ୍ରରେ ବେଶ୍ ଉତ୍‌ଫୁଲ୍ଲିତ ହୋଇଛି । ମୋର ମଧ୍ୟ ବିଶ୍ୱାସ ଥିଲା ଅକମ୍ପନ ଭଳି ବୀର ନିଶ୍ଚୟ କିଛି ନା କିଛି ଆଶ୍ଚର୍ଯ୍ୟ କାମ କରିବ ନିଶ୍ଚିତ । ହେଲେ ସେ ତା ଚମତ୍କାରିତା ଦେଖାଇବା ଦୂରେଥାଉ ନିଜେ ବାନରବାହିନୀ ନିକଟରେ ପରାଜୟ ସ୍ୱୀକାର କରିଥିଲା । ଏମିତିକି ଅକମ୍ପନକୁ ରାମଲକ୍ଷ୍ମଣଙ୍କ ସହ ସାମ୍ନା ସାମ୍ନି ହେବାକୁ ପଡ଼ିଲାନି । ସେଦିନ ଯୁଦ୍ଧରେ ପବନପୁତ୍ର ହନୁମାନଙ୍କ ହାତରେ ହିଁ ତାର ବୀରଗତି ହୋଇ ଯାଇଥିଲା ।

ଅକମ୍ପନର ମୃତ୍ୟୁ ମୋର ନୈତିକ ବଳକୁ ଭାଂଗି ଦେଇଥିଲା । ତାପରେପରେ ଅନେକ ରାକ୍ଷସବୀର ମଧ୍ୟ ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ । ହେଲେ କେହି ବି ଜୀବନ ନେଇ ଫେରି ନଥିଲେ । ଏମିତିକି ପ୍ରହସ୍ତ, ବଳାଧକ୍ଷ ପରି ଅନେକ ବୀର ଯୁଦ୍ଧକ୍ଷେତ୍ରରେ ବୀରଗତି ହୋଇ ଯାଇଥିଲା । ଧୀରେଧୀରେ ଲଙ୍କା ହୋଇ ଯାଉଥିଲା ବୀରଶୂନ୍ୟ । ପ୍ରହସ୍ତଙ୍କ କଥା ମନେପଡ଼ିଲେ ମୁଁ ଦ୍ରବୀଭୂତ ହୋଇ ଯାଉଥିଲି । ଅତୀତରେ ଦିନେ ଇନ୍ଦ୍ରଙ୍କ ବିରୋଧରେ ଯୁଦ୍ଧଯାତ୍ରା ସମୟରେ ସେ ହିଁ ସେନାପତିତ୍ୱ ଗ୍ରହଣ କରିଥିଲେ । ଅଥଚ, ପ୍ରହସ୍ତଙ୍କ ପରି ବୀର ବାନରଟା ପାଖରୁ ପରାଜିତ ହୋଇ ଫେରିଲେ ।

ଛାରଖାର ହୋଇଯାଇଛି ଲଙ୍କା । ଯେଉଁ ଲଙ୍କାକୁ ଦିନେ ସ୍ୱର୍ଣ୍ଣଲଙ୍କା ଭାବେ ସଜାଇ ରଖିଥିଲି ଯେଉଁ ସେନାବାହିନୀକୁ ନିଜର ନେତୃତ୍ୱରେ ବଳରେ ଶକ୍ତିମାନ କରି ତୋଳିଥିଲି, ସେଠି ସବୁକିଛି ଛାରଖାର ହେଇଗଲା । ହାତଗଣତି କେତେକ ବୀରଙ୍କୁ ଛାଡ଼ିଦେଲେ ଲଙ୍କା ଏବେ ବୀରଶୂନ୍ୟ ହୋଇଯାଇଚି । ପ୍ରତିଟି ପରିବାରରେ କେହିନା କେହି ମୃତ୍ୟୁମୁଖରେ ପଡ଼ିଛନ୍ତି । ଲଙ୍କାଗଡ଼ ଏବେ ଶୂନ୍ୟଶୂନ୍ୟ ଲାଗୁଛି । ସବୁଠି ଖାଁ ଖାଁ ନିରବତା ରାଜୁତି କରିଛି । ରାଜଭବନରେ ପୂର୍ବର ଆଡ଼ମ୍ବର କି ସାଜସଜ୍ଜା ନାହିଁ । ସବୁଆଡ଼େ କେବଳ ଭୟାଚ୍ଛନ୍ନତା, ପ୍ରତିମୁହୂର୍ତ୍ତରେ କିଛି ନା କିଚି ଘଟିଯାଉଛି । ଆଉ ପ୍ରତିଟି ଘଟଣା ପଛରେ ରାକ୍ଷସ ସେନା ମାନଙ୍କର ବିଫଳତା ଶତ୍ରୁପକ୍ଷ ଯେଉଁଠି ବିଜୟ ଲାଭ କରୁଛନ୍ତି ସେଠି ଆମ ସେନାନୀ ପାଇଁ ଅଶୁଭ ସମ୍ବାଦ ।

ମୁଁ ଲଙ୍କାର ରାଜା ରାବଣ । ରାଜା ହିସାବରେ ପ୍ରଜାମାନଙ୍କୁ ସୁରକ୍ଷା ଦେଇପାରିନାହିଁ । ରାଜ୍ୟର ଧନଜୀବନକୁ ରକ୍ଷା କରିପାରି ନାହିଁ । ସବୁଆଡୁ ମୁଁ ଅସମର୍ଥ, ଅସହାୟ, ସେସବୁ ଭାବନା ପାଇଁ ଅବସନ୍ନ ହୋଇପଡ଼ିଚି ।

ନିଜ କକ୍ଷରେ ମୁଁ ଏକ ପ୍ରକାର ବନ୍ଦୀ କହିଲେ ଚଳେ । ମୋତେ କେହି ବନ୍ଦୀ କରିନାହାଁନ୍ତି ମାତ୍ର ମୁଁ ନିଜେ ନିଜକୁ ବନ୍ଦୀ କରି ଦେଇଛି । ମନେପଡ଼ି ଯାଉଥିଲା, ଅନେକ କଥା, ମୋତେ ଅନେକେ ସତର୍କ କରାଇ ଦେଇଥିଲେ । ରାମଙ୍କ ସହ ଯୁଦ୍ଧ ନକରି ସନ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ । ବିଶେଷକରି ମୋ ଧର୍ମପତ୍ନୀ ମହାରାଣୀ ମନ୍ଦୋଦରୀ ମୋତେ ବାରମ୍ବାର ବୁଝାଇ ମୋର ଚରିତ୍ରର ସଂଶୋଧନ ପାଇଁ ଚେଷ୍ଟା କରିଥିଲେ । ଶଶୁର ମୟଦାନବ ମଧ୍ୟ ମୋତେ ଅନେକ ପରାମର୍ଶ ଦେଇଥିଲେ । ଏମିତିକି ମାତା ନିକଷା, ମାମୁଁ ମାଲ୍ୟବନ୍ତ ସମସ୍ତେ ହିଁ ବିଚାରଧାରାର ପରିବର୍ତ୍ତନ ପାଇଁ ଅନେକ ଯୁକ୍ତି ଦର୍ଶାଇଥିଲେ । ସମସ୍ତଙ୍କର କେବଳ ସେଇ ଗୋଟିଏ ଯୁକ୍ତି ମୁଁ ରାମଙ୍କ ସହ ସନ୍ଧି କରେ । ସୀତାଦେବୀଙ୍କୁ ସସମ୍ମାନେ ଫେରାଇଦିଏ । ମୁଁ କିନ୍ତୁ କାହାରି କଥା ମାନି ନଥିଲି । କେମିତି ମାନିଥାନ୍ତି । ସେମାନେ କେମିତି ଜାଣିବେ ମୋ ମନସ୍ତତ୍ତ୍ୱ । ମୁଁ କ'ଣ ଚାହେଁ, କାହିଁକି ସୀତାଦେବୀଙ୍କୁ ଚୋରାଇ ଆଣିଥିଲି । ସେ ସବୁର ସମୀକ୍ଷା ସେମାନେ କେବେ କରିନାହାଁନ୍ତି କି କରିବାକୁ ଚେଷ୍ଟା କରିନାହାଁନ୍ତି । ଓଲଟି ରାମ ଯେ ସାଧାରଣ ମାନବ ନୁହଁନ୍ତି, ବିଷ୍ଣୁଙ୍କ ସାକ୍ଷାତ୍ ଅବତାର ଏକଥା କହି ମୋର ମାନସିକ ପରିବର୍ତ୍ତନ ପାଇଁ ଚେଷ୍ଟା କରିଛନ୍ତି । ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ମାତ୍ର ଯେତେଦିନ ବଞ୍ଚିରହିବି ସେତେଦିନ ନିଜ ସ୍ୱାଭିମାନକୁ ନେଇ ବଞ୍ଚିବା କ'ଣ ମୋର ଧର୍ମ ନୁହେଁ । ହୋଇପାରନ୍ତି ରାମ ସର୍ବଶକ୍ତିମାନ । ହେଲେ ସେ ମଧ୍ୟ ଜାଣନ୍ତୁ, ରାବଣର ପରାକ୍ରମ କେତେ ? ରାବଣର ଶକ୍ତି କେତେ ? ନହେଲେ ରାବଣଙ୍କୁ ମାରିବା ପାଇଁ ବିଷ୍ଣୁଙ୍କୁ ପୁଣି ଅବତାର ଭାବେ ମାନବ ଜନ୍ମ ନେବାକୁ ପଡ଼ିଲା । ତେଣୁ, ମୋତେ ଯିଏ ଯାହା କହୁନା କାହିଁକି, ମୋର ସେଇ ଗୋଟିଏ ଜିଦ୍ । ସୀତାଙ୍କୁ ମୋ ପାଖରୁ ନେବାକୁ ହେଲେ, ମୋ ସହ ଯୁଦ୍ଧ କରିବାକୁ ପଡ଼ିବ । ଅନ୍ୟଥା ରାବଣ କାହାରି ପାଖରେ ମୁଣ୍ଡନୁଆଇଁ କ୍ଷମା ପ୍ରାର୍ଥନା କରିପାରିବ ନାହିଁ । ରାମ ଯଦି ତ୍ରିଲୋକ ବିଜୟୀ ସ୍ୱୟଂ ବିଷ୍ଣୁଙ୍କ ଅବତାରୀ ପୁରୁଷ । ସେ ବି ଜାଣନ୍ତୁ ରାକ୍ଷସ ରାବଣ କେତେ ଶକ୍ତିମାନ । ମୁଁ ତେଣୁ କାହାରି କଥାରେ ପ୍ରଭାବିତ ହୋଇ ନଥିଲି । ଦମ୍ଭ, ଅହଂକାର ସ୍ୱାଭିମାନ ମୋ ପାଇଁ ଶ୍ରେଷ୍ଠ ଥିଲା ।

ଏବେ ଜୀବନର ଶେଷାନ୍ତରେ ସେସବୁ ମୋର ମନେପଡ଼ିଯାଉଛି । ମୋର ନିଜସ୍ୱ ଜିଦି ପାଇଁ ମୋତେ ବହୁମୂଲ୍ୟ ଦେବାକୁ ପଡ଼ିଛି । କିନ୍ତ ଯେଉଁ ଲକ୍ଷ୍ୟ ନେଇ ସୀତା ଅପହରଣ କରିଥିଲି, ତାହା ତ ମୋର ଫଳବତୀ ହୋଇପାରିଛି । ସେଦିନ ଯଦି ସମସ୍ତଙ୍କ ପରାମର୍ଶରେ ସୀତାଙ୍କୁ ଫେରାଇ ଦେଇଥାନ୍ତି ତେବେ କ'ଣ ରାମଚନ୍ଦ୍ରଙ୍କ ସହ ଯୁଦ୍ଧ କରିବାର ସୁଯୋଗ ମୋତେ ମିଳିଥାନ୍ତା । ଏହା ତ ମୋ ପାଇଁ ନିଶଚିତ ଭାବରେ ଗର୍ବ ଓ ଗୌରବ । ମୁଁ ତେଣୁ ଯାହା କିଛି କରିଛି ସବୁ ଠିକ୍ କରିଛି । ଏତକ ତ ଦମ୍ଭର ସହ କହିପାରିବି, ମୁଁ ମୋ ଯାତ୍ରାପଥର ନିର୍ଣ୍ଣୟ ନିଜେ ହିଁ କରିଥିଲି । ମୁଁ ଯଦି ମରିବି ରାମଙ୍କ ସହ ସନ୍ଧି କରି ନୁହେଁ, ତାଙ୍କର ଚରଣ ତଳେ ଶରଣାପନ୍ନ ଭାବେ ନୁହେଁ, ବରଂ ବୀରତ୍ୱର ସହ ଯୁଦ୍ଧ କରି ମରିବି ।

ମୁଁ କେବଳ ଲଙ୍କାର ରାଜା ରାବଣ ନୁହେଁ, ସପ୍ତଦ୍ୱୀପର ଅଧିପତି ମଧ୍ୟ । ଲଙ୍କାର ପ୍ରଜାଗଣ ମୋତେ ଲଙ୍କେଶ୍ୱର ଭାବେ ସମ୍ମାନ କରନ୍ତି । ତେଣୁ ଆମ ରାକ୍ଷସ ସେନା ମାନଙ୍କର ମଧ୍ୟରେ ବୀରଶୂନ୍ୟ ହୋଇଗଲେ ମଧ୍ୟ ମୁଁ ନିଜେ ତ ବଞ୍ଚିଛି । ତେଣୁ ଠିକ୍‌କଲି ଆଗାମୀ କାଲି ଯୁଦ୍ଧକ୍ଷେତ୍ରକୁ ମୁଁ ନିଜେ ଯିବି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୧୦ ॥



ପ୍ରତ୍ୟାବର୍ତ୍ତିତ କଶ୍ୟପ ଅଟକି ଯାଇଥିଲେ । ଏ ବୟସରେ ବି ଦିତି ଅନୂଢା ଯୁବତୀ ପରି ଦେଖାଯାଉଥିଲେ ମନୋଜ୍ଞା ।ନାରୀର ପ୍ରସାଧନ ଓ ଶୃଙ୍ଗାର ପୁରୁଷ ହୃଦୟ କୁ ବଶୀଭୂତ କରିଥାଏ, ଏହି ମନୋ ବିଜ୍ଞାନ ଜାଣି ଥିଲେ ଦୀତି । ଗ୍ରୀବାଓ ବାହୁ ଠାରୁ ପାଦ ପର୍ଯ୍ୟନ୍ତ ତାଙ୍କ ରୂପାର ଅଳଙ୍କାର, କଟି ରେ ଗୁଡ଼େଇ ହୋଇଥିବା ଧଳା ହାତ ବୁଣା ଜାଲି ସୂତା ର ବସ୍ତ୍ର ଉପରେ ଗେରୁ ପଟ୍ଟି, ଯୁଡ଼ା ରେ କାଠ ଚଂପା ଫୁଲର ମହକ

ଆଉ କପାଳ ରେ ବେଲ ଅଠାରେ ଶାଗୁଆନ ଫୁଲର ଟିପା !

କଶ୍ୟପ ବ୍ରହ୍ମା ଙ୍କ ପରାମର୍ଶରେ ଦାନବ ମାନଂକ ସଙ୍ଖ୍ୟା ବଢ଼ାଇବା ପାଇଁ କାଳକା ଓ ପୁଲୋମାଙ୍କୁ ବିବାହ କରି ସାରିବା ପରେ, ସେମାନେ ତାଙ୍କର ପ୍ରଧାନ ବିଜ୍ଞାନ ସହକର୍ମିଣୀ ଥିଲେ । ବୈଜ୍ଞାନିକ ପଦ୍ଧତିରେ ସେମାନେ ଦାନବ ପୁତ୍ରଙ୍କ ସଂଖ୍ୟା ଷାଠିଏ ହଜାର ପର୍ଯ୍ୟନ୍ତ ବଢାଇ ପାରିଥିଲେ । ଅଦିତି ନିଜ ସୁପୁତ୍ର ମାନଙ୍କ ସହ ଜୀବନ ବିତାଉ ଥିଲେ । ସେ ସଂପୂର୍ଣ୍ଣଏକ ବିରାଟ ସଂସାର ।ପୁତ୍ର, ପୁତ୍ରବଧୂ, ପୌତ୍ର ଓ ପୌତ୍ରୀ ମାନଙ୍କର ସ୍ୱମୟ କର୍ତ୍ତୀ ହୋଇ, କଶ୍ୟପ ଙ୍କ ଠାରୁ ସମ୍ପୂର୍ଣ୍ଣ ପୃଥକ ଭାବେ ସ୍ୱର୍ଗ ଭୁବନରେ ବସବାସ କରୁଥିଲେ । ସେମାନେ ତାଙ୍କୁ କଶ୍ୟପଙ୍କ ଠାରୁ ଅଧିକ ସମ୍ମାନ ଦେଉଥିଲେ,ତାଙ୍କର ସୁଖ, ଦୁଃଖ ଜଣାଉଥିଲେ, ଆଦେଶ ଓ ପରାମର୍ଶ ପାଳନ କରୁଥିଲେ, ତାଙ୍କର ସେବା କରୁଥିଲେ ଓ ଆଶୀର୍ବାଦ ଗ୍ରହଣ କରୁଥିଲେ । ମୁନୀ ଓ ଅରିଷ୍ଟା ମଧ୍ୟ ନିଜର ସନ୍ତାନ ମାନଙ୍କ ସହିତ ସେହି ସ୍ୱର୍ଗଭୁବନରେ ବସବାସ କରୁଥିଲେ । ସେମାନେ ସର୍ବଦା ଅସୁରମାନଙ୍କ ଦୌରାତ୍ମ୍ୟର ପ୍ରତିକାର ବିଷୟ ରେ ଚିନ୍ତା କରୁଥିଲେ । ଅପର ପକ୍ଷରେ ଦିତି, ସୁରସା, ଦନୁ, ହିରଣ୍ୟ କଶିପୁଙ୍କ ସହିତ ଦାନବ ପୁରରେ ବସବାସ କରୁଥିଲେ । ସେମାନେ ସମସ୍ତେ ଦାନବ ମାନଙ୍କ ଜନନୀ ଭାବେ ତାଙ୍କ ଠାରୁ ଅଧିକ ପୂଜନୀୟା ହୋଇଥିଲେ । ଗୋଷ୍ଠୀଗତ ଭାବେ ଯିଏ ଯେଉଁଠାରେ ବାସ କଲେ ବି ସେମାନେ ଦୁଃଖ ଓ ସୁଖରେ ଏକତ୍ରିତ ହୋଇ ଯାଉଥିଲେ ଓ ଦେବତା ମାନଙ୍କର ବିପକ୍ଷରେ ଚକ୍ରାନ୍ତ କରି ଚାଲିଥିଲେ । ଅବଶ୍ୟ ସେମାନଙ୍କ ମଧ୍ୟରୁ କେତେକ ଦାନବ ଦେବତା ଙ୍କ ପକ୍ଷରେ ଓ କେତେକ ଦେବତା ଦାନବ ଙ୍କ ପକ୍ଷରେ ଥିଲେ । ମାନୁଷ ବା ଆର୍ଯ୍ୟ ମାନେ ଦେବତା ଙ୍କ ପକ୍ଷରେ ଥିବାବେଳେ, କେତେକ ଦ୍ରାବିଡ଼ ଅସୁରମାନଙ୍କୁ ପୂଜା କରୁଥିଲେ । ଦେବତା ଓ ଆର୍ଯ୍ୟ ମାନେ ଉତ୍ତର ଭାରତରୁ ଆରବ ତଥା କାସପିଆନ ସାଗର ଠାରୁ କାଜକ ସ୍ଥାନ, ପ୍ରାୟ କୃଷ୍ଣ ସାଗର ପର୍ଯ୍ୟନ୍ତ ବ୍ୟାପ୍ତ ଥିଲେ । ସମଗ୍ର ପ୍ଲକ୍ଷ, କୁଶ ଦ୍ୱୀପ ତଥା ଉତ୍ତର ଭାରତରେ ଜମ୍ବୁ ଦ୍ୱୀପର ତିବ୍ବତ ପର୍ଯ୍ୟନ୍ତ ଏମାନଙ୍କ ବାସସ୍ଥାନର ନାମ ଆର୍ଯ୍ୟ । ବର୍ତ୍ତ ଓ ବ୍ରହ୍ମାବର୍ତ୍ତ ଥିଲା । ବ୍ରହ୍ମା ବର୍ତ୍ତ ପୂର୍ବ ଭାରତରେ ହିମାଳୟର ଚତୁଃପାର୍ଶ୍ୱରେ ଘେରି ରହିଥିଲା । ଓଡିଶାର କେତେକ ଅଞ୍ଚଳ ମଧ୍ୟ ବ୍ରହ୍ମା ବର୍ତ୍ତ ର ଅନ୍ତର୍ଭୁକ୍ତ ଥିଲା । ବ୍ରାହ୍ମଣୀ ନଦୀର ନାମ ସରସ୍ୱତୀ ନଦୀ ଥିଲା । ଦାନବ ବଂଶ ସପ୍ତ ଦ୍ୱୀପର କେତେକ ସ୍ଥାନ, ଦକ୍ଷିଣ ଓ ମଧ୍ୟ ଭାରତ ଓ ସମୁଦ୍ର ମଧ୍ୟସ୍ଥ ଦ୍ୱୀପମାନଙ୍କରେ ସାମ୍ରାଜ୍ୟ ବିସ୍ତାର କରିଥିଲେ । ଯଦି ସେହି ସମୟରେ ସେମାନେ ଲବଣ ସାଗର ପାର ହୋଇ ଆମେରିକା ଯାଇ ପାରିନଥିବେ, ତେବେ ୟୁରୋପ ର ଫ୍ରାନ୍ସ ଆଦି ଅଞ୍ଚଳ କ୍ରଉଁଚ ଓ ହିନ୍ଦୁକୁଶ ଠାରୁ ଦକ୍ଷିଣକୁ ସପ୍ତ ସାଗର ମଧ୍ୟ ରେ କୁଶ ଦ୍ୱୀପ ହୋଇଥିବ । ନଚେତ୍ ଇଂଲଣ୍ଡ, ଫ୍ରାନ୍ସ ଆଦି ଅଞ୍ଚଳ ମଧ୍ୟ ପ୍ଲକ୍ଷ ଦ୍ୱୀପ ର ଅନ୍ତର୍ଭୁକ୍ତ ଥିଲା । ବ୍ରହ୍ମା ପୁଲହ ପୁଲସ୍ତ୍ୟ ଙ୍କ ବ୍ୟତୀତ ଆର୍ଯ୍ୟ ମାନେ ବାହାରୁ ନଆସି ବା କୋଉଠୁ ନଯାଇ ନିଜ, ନିଜ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ କରିଥିବା ବି ସମ୍ଭବ ।କିନ୍ତୁ ପ୍ରିୟବ୍ରତ ଙ୍କ ପୁତ୍ର ମାନେ ହିଁ ଭାରତୀୟ ଓ ସେମାନେ ଶ୍ରୀମଦ୍ ଭାଗବତ ଅନୁସାରେ ଏହି ସପ୍ତ ଦ୍ୱୀପରେ ଶାସନ କରୁଥିଲେ । (ପୁରୁଣା ମାନଚିତ୍ର ରେ ଶ୍ୱେତଦ୍ୱିପ ଋଷିଆରେ ଅଛି ।)

ଏମାନଙ୍କ ବ୍ୟତୀତ ସୁରଭି, ତିନି, ତାମ୍ରା, କ୍ରୋଧବଶା, କାଷ୍ଠା ଓ ସରମା ନିଜ ନିଜର ସନ୍ତାନ ମାନଙ୍କ ସହିତ ସାରା ଜଳ,ସ୍ଥଳ ଓ କାନନ ମଧ୍ୟରେ ପରିବ୍ୟାପ୍ତ ହୋଇ ଯାଇଥିଲେ । ବାକୀ ନବ ପରିଣୀତା କାଳକା ଓ ପୁଲୋମା । ସେମାନେ ମଧ୍ୟ ଦାନବମାନଙ୍କୁ ଜନ୍ମ ଦେଇ ସେମାନଙ୍କର ସପକ୍ଷରେ ରହିଥିଲେ । ସେମାନେ ଥିଲେ ପ୍ରଜାପତି କଶ୍ୟପ ଙ୍କର ବିଜ୍ଞାନ ଶାଳାରେ ଅତ୍ୟନ୍ତ ଆଦରଣୀୟା ସହକର୍ମିଣୀ । ଅଳ୍ପ ବୟସ୍କା କିଶୋରୀ ଓ ନବ ପରିଣୀତା ନିଜ ପୌତ୍ରୀ ହୋଇ ଥିବାରୁ, ସେମାନେ କଶ୍ୟପଙ୍କର ସେବା କରିବା ପରିବର୍ତ୍ତେ, କଶ୍ୟପଙ୍କୁ ହିଁ ସେହି ଦିବ୍ୟ ସୁନ୍ଦରୀ ମାନଙ୍କ ମନୋରଞ୍ଜନ କରି ସେମାନଙ୍କ ମାନ ଭଞ୍ଜନ କରିବାକୁ ପଡୁଥିଲା । କର୍ମକ୍ଲାନ୍ତ କଶ୍ୟପଙ୍କ ପ୍ରତି ଆଉ କାହାର ମଧ୍ୟ ଦୃଷ୍ଟି ନଥିଲା । ତାଙ୍କ ପରି ଜଣେ ଶକ୍ତିବାନ ପ୍ରୌଢ଼ ପୁରୁଷଙ୍କୁ ସାନ୍ନିଧ ଦେବାପାଇଁ ଦିତି ହିଁ ଅନେକ ଦିନ ପରେ ପତିଙ୍କ ନିକଟ କୁ ଫେରି ଆସିଥିଲେ । କଶ୍ୟପଙ୍କର ବାନପ୍ରସ୍ଥର ସମୟ ହୋଇ ନଥିଲା ।

କଶ୍ୟପ ଧୀରେ ଧୀରେ ଦିତିଙ୍କ ନିକଟକୁ ଅଗ୍ରସର ହେଲେ ଓ ଦୁଇ ପାପୁଲିରେ ତାଙ୍କର ଚକ୍ଷୁକୁ ବାନ୍ଧି ରଖିଲେ । ' କିଏ ?'

ଦିତି ନଜାଣିବା ପରି କଶ୍ୟପଙ୍କର ସର୍ବାଙ୍ଗରେ ହସ୍ତ ଘୁରାଇ ବାରେ ଲାଗିଲେ । କିଛିସମୟ ପରେ ଅଭିମାନ ଭରା କଣ୍ଠରେ କହିଲେ 'ପ୍ରଜାପତି ! ବିଶ୍ୱାସ ହେଉନାହିଁ । ପ୍ରାଣପ୍ରିୟା ପତ୍ନୀ ଅଦିତିଙ୍କ ବ୍ୟତୀତ ଆପଣ ଏହି ହତଭାଗିନୀ ଦିତି ନିକଟକୁ ମଧ୍ୟ ଆସିପାରନ୍ତି ।' 'ଅଭିମ ।ନ କରନାହିଁ ଦିତି, ବିଧିର ବିଧାନ ଯାହା ଥିଲା ତାହା ଘଟି ଯାଇଛି । କିନ୍ତୁ ଅଦିତିଙ୍କ ପୂର୍ବରୁ ହିଁ ମୁଁ ପ୍ରଥମେ ତୁମକୁ ମାତୃତ୍ୱର ଅଧୀକାର ଦେଇଛି । ତୁମ ପାଇଁ ହିଁ ମୁଁ ଜଗତର ସମସ୍ତ ଜୀବଜନ୍ତୁ ଓ ତରୁଲତା ମାନଙ୍କୁ ସୃଷ୍ଟି କରି ତୁମ ସନ୍ତାନ ମାନଙ୍କ ବିକାଶ ନିମନ୍ତେ ଉପହାର ଦେଇଛି । ଏବେ ସେହି ସ୍ମୃତିକୁ ମନେ ପକା ତୁମର ଅଭିମାନ ତ୍ୟାଗକର । 'ଏବେ ଦିତି ନିଜର ଦୁଇ ହସ୍ତରେ କଶ୍ୟପ ଙ୍କର ହସ୍ତକୁ ଉଠାଇ ଦେଇ ତାଙ୍କୁ ମୁନୀ ମନ ମୋହିନୀ କଟାକ୍ଷପାତ କରି ଅଧର ରେ ଗୋଲାପି ସ୍ମିତ ହାସ୍ୟ ଖେଳାଇଲେ । ପୁଣି ବିଚଳିତ ହୋଇ କହିଲେ, 'କିନ୍ତୁ ପ୍ରଜାପତି, ଏବେ ଆପଣ ସାରା ଦିବସ ପରିଶ୍ରମ କରି ଅତି କ୍ଲାନ୍ତ ଦେଖାଯାଉଛନ୍ତି । କାହିଁକି ? କ'ଣ ଦେବତା ଓ ଦାନବ ମାନଙ୍କ ବ୍ୟତୀତ ଆପଣ ପୁଣି କୌଣସି ଏକ ନୂତନ ପ୍ରାଣୀର ସୃଷ୍ଟି କରିବାକୁ ଯାଉଛନ୍ତି କି ?' ଦିତି ଭୟଭୀତା ହୋଇ ପଚାରିଲେ ।

'ନାହିଁ ନାହିଁ ସେପରି କିଛି ନୁହେଁ । ମୁଁଏବେ ପୃଥିବୀରେ ନୂତନ ପ୍ରାଣୀ ଓ ଉଦ୍ଭିଦ ମାନଙ୍କୁ ସୃଷ୍ଟି କରି ପୃଥିବୀରେ ସେମାନଙ୍କର ଆଶାନୁରୂପ ବଂଶ ବିସ୍ତାର କରି ସାରିଛି ।

ଏହାପରେ ପ୍ରାଣୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୁଁଏବେ ଆୟୁର୍ବେଦର ବିକାଶ ଓ ଚିକିତ୍ସା ପ୍ରଣାଳୀର ବିକାଶ ପାଇଁ ଯତ୍ନ କରୁଛି ।ସେଥିପାଇଁ ଅରଣ୍ୟରେ ବୁଲି ବିଭିନ୍ନ

ଉଦ୍ଭିଦ,ପ୍ରାଣୀ ଓ ପଦାର୍ଥ ମାନଙ୍କର ପରୀକ୍ଷା ନିରୀକ୍ଷା କରି ରୋଗଗ୍ରସ୍ତ ମାନଙ୍କ ଦେହରେ ପ୍ରୟୋଗ କରୁଛି ।'

' ଆୟୁର୍ବେଦ କ'ଣ ?' ଦିତି ପଚାରିଲେ । 'ମୋତେ କହିବେ କି ?' ହଁ, ନିଶ୍ଚୟ, ଯେଉଁ ପଞ୍ଚଭୂତରେ ପ୍ରାଣୀ ମାନ ଙ୍କ ଶରୀର ଗଠିତ ,ସେ ସବୁ ଦୂଷିତ ହୋଇ ପ୍ରାଣୀମାନଙ୍କ ଠାରେ ରୋଗ ସୃଷ୍ଟି କରିଥାନ୍ତି । ବାତ, ପିତ ଓ କଫ ହିଁ ସମସ୍ତ ବ୍ୟକ୍ତିଗତ ରୋଗ ଗୁଡିକର କାରଣ ହୋଇଥାନ୍ତି । ଏହା ବ୍ୟତୀତ ଜଳ,ସ୍ଥଳ ଓ ଆକାଶରେ ଜୀବାଣୁ ଭୁତାଣୁ, ବୀଜାଣୁ, ଶୈବାଳ ଓ କବକ ଆଦି ବାୟୁ, ଜଳ, ସଂସ୍ପର୍ଶ, ଖାଦ୍ୟ, କ୍ଷତ ଆଦି ଦ୍ୱାରା ସଂକ୍ରମକ ରୋଗ ଗୁଡିକ ସୃଷ୍ଟି କରିଥାନ୍ତି । ନିରାକରଣ ମଧ୍ୟ ସେହି ପ୍ରାଣୀ, ଉଦ୍ଭିଦ,ବିଭିନ୍ନ ପ୍ରାକୃତିକ ପଦାର୍ଥ ଓ ପଞ୍ଚଭୂତ ଦ୍ୱାରା କରାଯାଇଥାଏ । ଯେଉଁ ନିଦାନ ରୋଗକୁ ନିରାକରଣ କରେ ତାହା ମିଶ୍ରବା ଅମିଶ୍ରରୂପେ ଔଷଧ ଓ ଏହି ଚିକିତ୍ସା ଶାସ୍ତ୍ର କୁ ଆୟୁର୍ବେଦ କୁହାଯାଏ । ଏହା ପ୍ରକୃତିରୁ ଆହରଣ କରି ମାନବର ଆୟୁକୁ ସୁରକ୍ଷିତ ରଖୁଥିବାରୁ ଆୟୁର୍ବେଦ ନାମରେ ନାମିତ । ରୋଗ ନିର୍ଦ୍ଧାରଣ,ଶରୀରର ଗଠନ, ଆଚରଣ, ପଥ୍ୟ, ରୋଗର କାରଣ, ଉପଯୁକ୍ତ ଖାଦ୍ୟ ଓ ଔଷଧ ଦେବା ବା ଅସ୍ତ୍ରୋପ୍ରଚାର ଆଦି କରି ଚିକିତ୍ସା କରିବାର ପ୍ରଣାଳୀ କୁ ଆୟୁର୍ବେଦ ବିଜ୍ଞାନ କୁହାଯାଏ ।

'ଏହି ଆୟୁର୍ବେଦ ର କିପରି ସୃଷ୍ଟି ହେଲା ?'

'ଯାହା କିଛି ସୃଷ୍ଟିର ପ୍ରଥମ ସ୍ରଷ୍ଟା ଙ୍କ ବିଷୟ ରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥାଏ, ସେହି ସ୍ରଷ୍ଟାଙ୍କୁ ଆମେ ପ୍ରଜାପତି ବ୍ରହ୍ମା ବୋଲି କହିଥାଉ ।ଏହି ବ୍ରହ୍ମା ହିଁ ପ୍ରଥମ ସ୍ରଷ୍ଟା ବା ବୈଜ୍ଞାନିକ ଅଟନ୍ତି ।ଯେତେବେଳେ ଅନନ୍ତ ସମୟ ଓ ଶୂନ୍ୟ ର ଏକାଂଶ ଉପରେ ଅନନ୍ତ ଜୀବନ ବିଷ୍ଣୁ ଯୋଗ ନିଦ୍ରା ରେ ଶାୟିତ, ସେତେ ବେଳେ କେବଳ ମହାକାଶ ସମୟ ମଧ୍ୟରେ କ୍ଷୁଦ୍ର କଣ, ଅନ୍ଧକାର ର ଉର୍ଜା ବା କଶ୍ୟପ ସହ ଚୁମ୍ବକୀୟ ତରଙ୍ଗ ମାନ ସୃଷ୍ଟି ହେଲା ।( ମହତ୍ ବିକାରର ତରଙ୍ଗ) । ଏହି ଅନ୍ଧକାର ରୁ ଶବ୍ଦ ଓ ଶବ୍ଦ ରୁ ଅନ୍ତରୀକ୍ଷ ସୃଷ୍ଟି ହେଲା ।ଏମାନେ ଯୋଗ ବଳ ରେ ଯୁକ୍ତ ହୋଇ ଏକ ନାଭିକ ସୃଷ୍ଟି କଲେ । ଏହି ବିଷ୍ଣୁଙ୍କ ନାଭିକ ମଧ୍ୟରେ ଯୁକ୍ତ ହେଲା ଅନନ୍ତ ଶକ୍ତି, ଅନନ୍ତ ଜୀବନ ଓ ଅନନ୍ତ ଜ୍ୟୋତି ରାଶି !! ( ଯେପରି ବର୍ତ୍ତମାନ ଗୋଟିଏ କଂପ୍ୟୁଟର ରେ ଥିବା ସମସ୍ତ ଜ୍ଞାନ ଏକ କ୍ଷୁଦ୍ର କ୍ୟାପ୍ସୁଲ ମଧ୍ୟରେ ରଖା ଯାଇ ପାରୁଛି) । (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ତୋ ବିନା ଜୀବନ ଅଧୁରା



ପ୍ରତିଭା ଦାଶ

ମୋ ହୃଦୟର ତୁ ସ୍ପନ୍ଦନ
ତୋ ବିନା ଜୀବନ ମରୁଭୂମି ସମ
କେବେ ତୁ ନୀରବ ଦ୍ରଷ୍ଟା
କେବେ ପୁଣି ଜୀବନର ସ୍ରଷ୍ଟା ।

ଜୀବନର ଦଉଡ଼ି ତୋ ହାତରେ ବନ୍ଧା
ପଥ ହୁଡା ହେବା ପୂର୍ବରୁ
ସଂଶୋଧନ ପୂର୍ବକ ନେଉ
ତୋ କୂଳକୁ ଆଦରେ ପରା ।

ତୁ ଭଲ ମନ୍ଦର ପଥ ପ୍ରଦର୍ଶକ
ମୋ ମନ ଓ ହୃଦୟକୁ କରିଛୁ ସ୍ପର୍ଶ
ତୋ ପ୍ରେରଣାରେ ଆଜି ମୁଁ
ମୋ ଗୋଡ଼ରେ ହେଇଛି ଠିଆ ।

ଦୁଃଖରେ ତୁ ମୋର ସାହସ
ତୋ ନାମରେ କଟି ଯାଏ ସବୁ କଷ୍ଟ
ତୋ ଅଙ୍ଗୁଳିରେ ସ୍ନେହର ଯାଦୁ
ରହେନି ଶରୀରର ଦୁଃଖ ଯନ୍ତଣା ବିନ୍ଦୁ ।

ତୋ ମିଷ୍ଟଭାଷା ମିଠା କଥାରେ
ପେଟ ମୋ ଯାଏ ପୂରି
ମର୍ତ୍ତ୍ୟରେ ତୁ ଭଗବାନ ତୁଲ୍ୟା
ବଞ୍ଚିଥିବା ଯାଏ କରୁଥିବି ପାଦପୂଜା
ସେ ଅତି ଆଦରଣୀୟା ମୋ ମା'
ସେ ମୋ ମା' ।


+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩




## ପରିବାର

ସ୍ନେହଲତା ଦାସଲେଙ୍କା

ଦାଦା ଖୁଡୀ ବାପା ବୋଉ ଜେଜେମା
ନନା ନାନୀ ଜେଜେ ଅପା ବଡମା
ସଭିଏଁ ଏକାଠି ରହୁ
ଏକା ସଂଗେ ଖାଉ ଆମେରେ ପୁଣି
ସୁଖ ଦୁଃଖ ବି ହେଉ ।

ପରିବାର ପରା ଗୋଟିଏ ମାଳା
ଗୋଟି ଗୋଟି ଆମେ ଫୁଲ
ଗୋଟିଏ ସୂତାରେ ଯୋଡି ରହିଲେ
ହୋଇବ ଅମୂଲ ମୂଲ ।

ପିଲାଦିନୁ ଆମେ ଶପଥ ନେବା
ପରିବାର କେବେ ନଭାଂଗିବା
ଦୂର ବିଦେଶରେ ରହିବା ସିନା
ବାପା ମା'କୁ କେବେ ଭୁଲି ନଯିବା ।

ଚଳନ୍ତା ଦେବତା ସେମାନେ ମୋର
ଭକତି ଭରେ ସେବା ମୁଁ କଲେ
ପ୍ରସନ୍ନ ହୋଇବେ କଳାଠାକୁର ।


+ ହରପ୍ରିୟା ରେସିଡେନ୍ସି
ଝାରପଡା, ଭୁବନେଶ୍ୱର
(ମୋ) ୭୦୦୮୩୧୪୫୬୫


## ଚିତ୍ରକରର ଚିତ୍ରକଳା



ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ଭକ୍ତିରେ ମୁକ୍ତିରେ ସବୁଥିରେ ତୁ
ଅର୍ଜ୍ଜୁନର ପ୍ରିୟସଖା
ଭୀରୁ ମନ ମୋର ତୋ ବିନା ନିଥର
ତୁହି ମୋର ଭାଗ୍ୟ ରେଖା ।

ମନ୍ତ୍ର ତନ୍ତ୍ର କିଛି ବୁଝେ ନାହିଁ ମୁଁ
ତୁ ନିରବ ଉଚ୍ଚାରଣ
ମଉଳା ପରାଣେ ସଂଜୀବନୀ ତୁହି
ହୃଦ ତୋତେ ସମର୍ପଣ ।

ବୁଝେନି ମନ୍ଦିର ଅବା ଗୁରୁଦ୍ୱାର
ଚଉଦିଗେ ତୋର ଛୁଆଁ
ବିଭୋର ଏ ମନ ତୋ' ପାଇଁ ଧନ
ଭୁଲିଛି ସାରା ଦୁନିଆଁ ।

ଦୁଃଖ ନଈ କେବେ ପାର ହେବା ପାଇଁ
ସାଜିଛୁ ଆହୁଲା ମୋର
ଦେବା ପାଇଁ ତୋତେ କିଛି ନାହିଁ ମୋର
ଅରପୁଛି ଅଶ୍ରୁ ନୀର ।

ମୁଁ ଛାର ମାତର ତୋର କରୁଣାର
କ୍ଷୁଦ୍ର ଦୁବଘାସଟିଏ
ମିଛ ଦୁନିଆରେ ତୁ ମୋର ଶକତି
ତୋ ପାଇଁ ମୋ ରାତି ପାହେ ।


+ ଦଶରଥ ପୁର
ଯାଜପୁର-୭୫୫୦୦୧
(ମୋ) ୭୩୭୭୩୧୮୭୮୯




## ଏକା ଜୀବନ

ବର୍ଷାରାଣୀ ମହାମଲ୍ଲିକ

ବେଳେବେଳେ ଏକା ଜୀବନଟା
ଭାରି ଭଲ ଲାଗେ
ତା ବାହାନାରେ ନିଜକୁ
ଚିହ୍ନିବା, ଜାଣିବା ସହଜ ହୋଇଯାଏ
ଏ ନିତ୍ୟ ହୋ-ହାଲ୍ଲା ଜୀବନ ଠୁଁ
ଟିକେ ମୁକ୍ତି ମିଳେ
ହୋଇଯାଏ ନିଜ ସହ ଦୋସ୍ତି..
ଛାଡ଼, ହସିବାଟା ତ
ସାମ୍ନାରେ ସମସ୍ତଙ୍କ ହୋଇଯାଏ
ଅଥଚ କାନ୍ଦି ହୁଏନା ମନ ଖୋଲି
ଜୀବନଟା କଣ ବୁଝି ହୁଏନା..
ଏତେଦିନର ଅଭିଜ୍ଞତା ପରେ ମଧ
ତାକୁ ଚିହ୍ନିବାର ନିହାତି ଜିଜ୍ଞାସା ରଖିଲେ
ମଧ୍ୟ ହୁଏନି
ବେଳେବେଳେ ଭାରି ଭଲ ଲାଗେ,
ଏକା ଏକା ଚାଲିବାକୁ...

ନିଜ ପଥ ତ କଣ୍ଟକିତ
କାହାକୁ ଡାକି ପାଦରେ ରକ୍ତ ଆଣିବାର
ଚିନ୍ତା ଚେତନାରେ ପଶେନି
ବେଳେବେଳେ ଭାରି ଭଲ ଲାଗେ
ଏକା ଏକା ହସିବାକୁ, ଏକା ଚାଲିବାକୁ,
ଏକା ବଞ୍ଚିବାକୁ...
ଯଦିଓ ଏକା ବଞ୍ଚିବା ଦୁରୂହ ବ୍ୟାପାର ।


+ ଜିଲ୍ଲା :ବରଗଡ଼
(ମୋ) ୮୨୬୦୬୫୯୩୩୨

# ଦରମା ନପାଇ ଆନ୍ଦୋଳନରେ ଧରଣୀଧର ବିଶ୍ୱବିଦ୍ୟାଳୟର ୫୭ଜଣ ଅତିଥି ଅଧ୍ୟାପକ

କେନ୍ଦୁଝର, ୧୫/୧୦ (ନି.ପ୍ର): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ୫୭ ଜଣ ଅତିଥି ଅଧ୍ୟାପକ ୩ ମାସ ହେଲା ଦରମା ନପାଇ ଆନ୍ଦୋଳନରେ ବସିଛନ୍ତି । ଗତ ୩ ମାସ ଧରି ଏହି ଅତିଥି ଅଧ୍ୟାପକମାନେ ଶିକ୍ଷାଦାନ, ପରୀକ୍ଷା ନିୟନ୍ତ୍ରଣ, ପରୀକ୍ଷା ଖାତା ମୂଲ୍ୟାୟନ ସହ ବିଭିନ୍ନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରୁଥିବା ସତ୍ୱେ, ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିପାରୁନାହିଁ । ଅନ୍ୟ ବିଶ୍ୱବିଦ୍ୟାଳୟରେ, ଅତିଥି ଅଧ୍ୟାପକମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ତରଫରୁ ପୁନଃ ନିଯୁକ୍ତି ପତ୍ର ଦେବା ସହ, ସେମାନଙ୍କୁ ଦରମା ପ୍ରଦାନ କରାଯାଉଛି । ଏଠାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ତଦନ୍ତ କମିଟି ଏସମ୍ପର୍କରେ ରିପୋର୍ଟ ପ୍ରଦାନ କରିସାରିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୯ ତାରିଖରେ ଜଣେ ସିଣ୍ଡିକେଟ୍ ସଭ୍ୟଙ୍କୁ ନେଇ ଏସମ୍ପର୍କରେ ଆଲୋଚନା ଶେଷ ହୋଇଥିବା ବେଳେ, ଅତିଥି ଅଧ୍ୟାପକମାନେ ସେମାନଙ୍କ ପ୍ରାପ୍ୟ ନପାଇବାରୁ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅନ୍ୟପଟେ, ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ, ଅତିଥି ଅଧ୍ୟାପକମାନେ ଆନ୍ଦୋଳନ ନକରିବାକୁ ଅନୁରୋଧ କରିଛନ୍ତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ । ଗତ ଜୁନ୍ ୩୦ ତାରିଖରେ ଅତିଥି ଅଧ୍ୟାପକମାନଙ୍କର କଂଟ୍ରାକ୍ଟ ସମୟସୀମା ଶେଷ ହୋଇଥିବା ବେଳେ, ଏହାକୁ ବୃଦ୍ଧି କରିବାକୁ ସରକାରଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିବା ସେ କହିଛନ୍ତି ।

# ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ସମ୍ବନ୍ଧିତ ଆଂଚଳିକ କର୍ମଶାଳା ଅନୁଷ୍ଠିତ

କେନ୍ଦୁଝର, ୧୫/୧୦ (ନି.ପ୍ର): ଅଡିଟୋରିୟମ କେନ୍ଦୁଝର ଠାରେ ପାଂଚ ଗୋଟି ଜିଲ୍ଲା ଯଥା- କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକକୁ ନେଇ ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ଉପରେ ଏକ ଆଂଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିର ବିକାଶ ସହିତ ସଶକ୍ତ ଓଡ଼ିଶା ତଥା କେନ୍ଦ୍ର ସରକାରଙ୍କ "ସହକାର ସେ ସମୃଦ୍ଧି " ନୀତି ମାଧ୍ୟମରେ ଦେଶର ଅସଂଖ୍ୟ କୃଷକ, ମହିଳା ତଥା ଗ୍ରାମାଚଂଳର ଲୋକମାନଙ୍କର ଆର୍ଥିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ନିମନ୍ତେ ଏକ ନୂତନ ସମବାୟ ଚିଠା ନୀତି ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି, ଏହାକୁ କିପରି ଏକ ସୁଦୃଢ ସମବାୟ ନୀତି ପ୍ରସ୍ତୁତ ହୋଇ ପାରିବ, ଏଥିପାଇଁ ଉପସ୍ଥିତ ସମସ୍ତ, ସମବାୟବିତ, ଅଗ୍ରଣୀ ବୁଦ୍ଧିଜୀବି, କୃଷକ, ଜନସାଧାରଣ ସେମାନଙ୍କ ସୁଚିନ୍ତିତ ମତାମତ ଦେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ବିଧାୟକ, ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ମାନ୍ୟବର ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଶିଷ୍ଟ ସମବାୟବିତ ତଥା ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ପ୍ରମୁଖ ସଦସ୍ୟ ଯଜ୍ଞେଶ୍ୱର ବାବୁ, ପ୍ରଖ୍ୟାତ ସମବାୟବିତ ପ୍ରଫେସର ହରେକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ସଦସ୍ୟ ଶ୍ରୀଯୁକ୍ତ ଗୋପବନ୍ଧୁ ଶତପଥି, ବରିଷ୍ଠ ସମବାୟବିତ ତଥା ଚିଠା କମିଟିର ସଦସ୍ୟ ଅଜୟ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଯୁଗ୍ମ ନିବନ୍ଧକ, କୃଷ୍ଣଚନ୍ଦ୍ର ଦାସ, ଯୁଗ୍ମ ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା ଉପସ୍ଥିତ ଥିଲେ । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଜିଲ୍ଲାର ସମବାୟବିତ, ବୁଦ୍ଧିଜୀବି, ଅଗ୍ରଣୀ କୃଷକ, ଛାତ୍ରଛାତ୍ରୀ, ଜନସାଧାରଣ ପ୍ରମୁଖ ଯୋଗଦେଇ ଏକ ସୁଦୃଢ ସମବାୟ ନୀତି ଗଠନ ଦିଗରେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏଥିରେ ପାଂଚଟି ଜିଲ୍ଲାର ସମସ୍ତ ଉପନିବନ୍ଧକ, ସମବାୟ ସମିତି ସମୂହ ତଥା ଅନ୍ୟାନ୍ୟ ସମବାୟ ବିଭାଗର ଅଧିକାରୀମାନେ ଯୋଗଦେଇ କର୍ମଶାଳାର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ । ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ କାର୍ମଶାଳା ସରକାରଙ୍କ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଉପସ୍ଥିତ ସମବାୟବିତ ଓ ବୁଦ୍ଧିଜୀବି ମତ ପ୍ରକାଶ କରିଥିଲେ । ଉକ୍ତ କର୍ମଶାଳାଟି ଉପନିବନ୍ଧକ କେନ୍ଦୁଝର ପର୍ଶୁରାମ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଅନୁଷ୍ଠିତ ହୋଇଥିଲା । ସମବାୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ଏକାଦଶୀ ଦାସ, ସହକାରୀ ନିବନ୍ଧକ, ବାଲେଶ୍ୱର, ମଙ୍ଗଳ ସୋରେନ, ବରିଷ୍ଠ ସହକାରୀ ନିବନ୍ଧକ ଚମ୍ପୁଆ, ରାମଚନ୍ଦ୍ର ବିଶ୍ୱାଳ, ସହକାରୀ ନିବନ୍ଧକ ଅନନ୍ଦପୁର, ବସନ୍ତ ନାୟକ , ସହକାରୀ ନିବନ୍ଧକ କରଞ୍ଜିଆ, ସୁଶୀଲ ଚନ୍ଦ୍ର ନାଏକ, ହେମନ୍ତ କୁମାର ନାଏକ, ବିଦ୍ୟାଧର ନାଏକ, ଯତୀନ ମହାନ୍ତ, ବିଭୁତି ଭୂଷଣ ନାଏକ, ଦିବ୍ୟରଞ୍ଜନ ସେଠୀ, ରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଏହି କର୍ମଶାଳାରେ ଉପନିବନ୍ଧକ କେନ୍ଦୁଝର ଶ୍ରୀଯୁକ୍ତ ପର୍ଶୁରାମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଉପନିବନ୍ଧକ ମୟୂରଭଞ୍ଜ ଶ୍ରୀଯୁକ୍ତ ଅଶୋକ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, , ୧୫/୧୦ (ନି.ପ୍ର): -ଜୟପୁର ବ୍ଲକ ସ୍ଥିତ ସରକାରୀ ୟୁପିଏସ କ୍ଲଷ୍ଟରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ସ୍ଥାନୀୟ ଜୟନଗର ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟଠାରେ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟର ସିଆରସିସି ଶ୍ରୀମତୀ ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ମଧ୍ୟରେ ତର୍କ, ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ସୃଜନଶୀଳ ଲିଖନ, ହସ୍ତାକ୍ଷର, କୁଇଜ, ଭଳି କନିଷ୍ଠ-ବରିଷ୍ଠଙ୍କୁ ନେଇ ୨୬ଟି ପ୍ରତିଯୋଗିତାରେ ୧୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଉତ୍ତମ ପରିଚାଳନା ପାଇଁ ୨୫ରୁ ଉର୍ଦ୍ଧ୍ୱ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ୍ ହୋଇଥିଲେ । ପ୍ରଥମ ପର୍ଯ୍ୟାୟ ଉଦଘାଟନ ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଦିବସର ଉଦଘାଟନ କରିଥିଲେ । ଜୟନଗର ଏସ ଏସ ଏବଂ ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ପର୍ଯ୍ୟାୟରେ ପ୍ରାରମ୍ଭିକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ । ତା'ପରେ ଘୋଷଣା ଅନୁକ୍ରମେ ଆରମ୍ଭ ହୋଇଥିଲା ପ୍ରତିଯୋଗିତା । କାର୍ଯ୍ୟକ୍ରମରେ ଗୋଷ୍ଠିଶିକ୍ଷା ଅଧିକାରୀ (ଜୟପୁର), ଚନ୍ଦନ କୁମାର ନାୟକ, ଅତିରିକ୍ତ ଗୋଷ୍ଠିଶିକ୍ଷା ଅଧିକାରୀ କେ. ଗୋପାଳ, ଶଶୀ ଭୂଷଣ ଦାଶ (ସେକ୍ସନ ଅଫିସର, ବିଇଓ ଅଫିସ), ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାଶ, ସି ଆର ସି ସି ରୁଦ୍ର ପ୍ରସାଦ ପାଣିଗ୍ରାହି ଏବଂ ରାମେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ କାଉନସିଲର(ୱାର୍ଡ ନଂ-୧) ଗୋପୀନାଥ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ ସହିତ ପୁରସ୍କାର ବିତରଣ କରିଥିଲେ । ପରିଶେଷରେ କ୍ଲଷ୍ଟର ସିଆରସିସି ଶ୍ରୀମତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରିଥିଲେ ।

# ରାଇରଙ୍ଗପୁର ଜିଲ୍ଲା ଗଠନକୁ ବିରୋଧ

ବାରିପଦା, ୧୫/୧୦ (ନି.ପ୍ର): ମୟୂରଭଞ୍ଜ ଜିଲା (ପଂଚମ ଅନୁସୂଚୀ ଅଂଚଳ)କୁ ବିଭାଜନ କରି ସ୍ୱତନ୍ତ୍ର ରାଇରଙ୍ଗପୁର ଜିଲ୍ଲା ଘୋଷଣା ଉଦ୍ୟମକୁ ଦୃଢ ବିରୋଧ କରିବା ସହିତ ସେମିତି ପଦକ୍ଷେପ ନିଆଗଲେ ତୀବ୍ର ଆନ୍ଦୋଳନ କରାଯିବା ନେଇ ଜିଲ୍ଲା ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଏହି କୋର୍ଡିନେସନ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଉପ ଜିଲ୍ଲାପାଳ ଜରିଆରେ ପ୍ରଦାନ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମିଶ୍ରଣ ସମୟରେ ସହମତି ଅନୁଯାୟୀ ସମଗ୍ର ମୟୂରଭଞ୍ଜ ଜିଲାକୁ ବିଶେଷ ଭାବେ ଅନୁସୂଚିତ ଅଂଚଳ ଭାବରେ ବିବେଚନା କରାଯାଇଥିଲା । ତଦନୁସାରେ ଭାରତୀୟ ସମ୍ବିଧାନର ପଂଚମ ଅନୁସୂଚୀରେ ମୟୂରଭଞ୍ଜ ଜିଲାର ଅନୁସୂଚିତ ଅଂଚଳର ପ୍ରଶାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା । କିନ୍ତୁ ଅତ୍ୟନ୍ତ କ୍ଷୋଭର ବିଷୟ ଯେ ଆଜି ପର୍ଯ୍ୟନ୍ତ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ଗୋଟିଏ ବି ଧାଡି ପାଳନ କରାଯାଇ ନାହିଁ । ମିଶ୍ରଣ ଚୁକ୍ତିନାମାରେ ଏହା ମଧ୍ୟ ଉଲ୍ଲେଖ ଥିଲା ଯେ ଭାରତୀୟ ସମ୍ବିଧାନର ପଂଚମ ଅନୁସୂଚୀର ବ୍ୟବସ୍ଥା ଅନୁଯାୟୀ ମୟୂରଭଞ୍ଜ ଜିଲାର ଆଦିବାସୀ ଲୋକଙ୍କ ଅଧିକାର ଓ ସୁବିଧା ସୁରକ୍ଷିତ ରଖାଯିବ । ମାତ୍ର ଭାରତ ସମ୍ବିଧାନ କାର୍ଯ୍ୟକାରୀ ହେବା ପରଠାରୁ ମୟୂରଭଞ୍ଜ ଜିଲା ଆଦିବାସୀ ମାନେ ସେମାନଙ୍କର ବିସ୍ଥାପନ ପାଇଁ ଉଦ୍ୟମ କରାଯାଉଥିବା ଅନୁଭବ ରଖୁଛନ୍ତି । ଗତ ୧୯୯୨-୯୩ ମସିହାରେ ଓଡିଶାରେ ୧୭ଟି ନୂତନ ଜିଲା ଗଠନ କରାଯାଇଥିଲା ସୁଦ୍ଧା ମିଶ୍ରଣ ଚୁକ୍ତିନାମା ଅନୁଯାୟୀ ଭାରତୀୟ ସମ୍ବିଧାନର ପଂଚମ ଅନୁସୂଚୀରେ ଅନ୍ତର୍ଭୁକ୍ତ ଏହି ମୟୂରଭଞ୍ଜ ଜିଲା ଅବିଭକ୍ତ ରହିଯାଇଥିଲା । ଏଣୁ ମୟୂରଭଞ୍ଜ ଜିଲାର ବିଭାଜନର ପ୍ରଶ୍ନ ଉଠିଲେ ବ୍ରିଟିଶ ଶାସନ ସମୟରେ ଯେପରି ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟ ପାଇଁ ଜନ ଆନ୍ଦୋଳନ ହୋଇଥିଲା, ସେହିପରି ପୁନର୍ବାର ତୀବ୍ର ଆନ୍ଦୋଳନ ସଂଗଠିତ କରାଯିବାକୁ ଆଦିବାସୀ ବାଧ ହେବେ ବୋଲି ଜିଲା ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ପେସା ଗ୍ରାମସଭା ଜିଲା କୋର୍ଡିନେସନ କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ ଓ ସମ୍ପାଦକ ନାନାରାମ ମୁର୍ମୁଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ଆମେ ସମସ୍ତେ ହବିଷ୍ୟାଳୀ ପରିବାର, କଳା ଠାକୁର ଆମ ମୁରବି

ପୁରୀ, ୧୫/୧୦ (ନି.ପ୍ର): ଆମେ ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଛୁ । ସମସ୍ତଙ୍କ ସହ ଆନନ୍ଦରେ ସମୟ ବିତି ଯାଉଛି । ନିଜ ଘର ଦ୍ୱାର ଛାଡି ଆସିଲା ବେଳେ ମାସକ ପାଇଁ ଯାଉଛୁ ବୋଲି ଭାବି କଷ୍ଟ ଲାଗୁଥିଲା । କିନ୍ତୁ ବିଭିନ୍ନ ଜିଲ୍ଲାର ହବିଷ୍ୟାଳୀ ମା ମାନଙ୍କୁ ଦେଖି, ସେମାନଙ୍କ ସହ ହସ ଖୁସିରେ ଦିନ ବିତାଇ ଘର କଥା ଏକ ପ୍ରକାର ଭୁଲି ଯାଉଛୁ । ଆମେ ବର୍ତମାନ ଗୋଟିଏ ପରିବାରର । ଆମ ମୁରବି କଳା ଠାକୁର ବୋଲି କୁହନ୍ତି ହବିଷ୍ୟାଳୀ ମା ମାନେ । ଗଞ୍ଜାମର ସୁଜ୍ଞାନୀ ସାହୁ ଓ କଟକର ମମତାପ୍ରଭା ରାଉତ ଯିଏ ରହୁଛନ୍ତି ମୋଚିସାହି କଲ୍ୟାଣ ମଣ୍ଡପରେ । ସେହିପରି ବଲାଙ୍ଗୀରର ବୀଣାପାଣି ମିଶ୍ର, ଖୋର୍ଦ୍ଧାର ରଶ୍ମିପ୍ରିୟା ବାଇ ଓ ଲକ୍ଷ୍ମୀ ଦେଇ, ବୌଦ୍ଧର ପୂର୍ଣ୍ଣବାସୀ ସାହୁ ରହୁଛନ୍ତି ବୃନ୍ଦାବତୀ ନିବାସରେ । ସେହିପରି ଅନ୍ୟାନ୍ୟ ହବିଷ୍ୟାଳୀ ମା ରହୁଛନ୍ତି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ ଓ ବଗଲା ଧର୍ମଶାଳା ହବିଷ୍ୟାଳୀ କେନ୍ଦ୍ରରେ । ସେମାନଙ୍କ କହିବା କଥା ହବିଷ ବ୍ରତ ଆରମ୍ଭ ହେଲା ଅକ୍ଟୋବର ୭ ତାରିଖରେ । ଆମେ ଆସିଲୁ ୬ ତାରିଖରେ । ହେଲେ ତା'ର ମାସକ ଆଗରୁ ଆମ ଆଖିକୁ ନିଦ ନାହିଁ । ଟିଭିରୁ ଖବରକାଗଜରୁ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡୁଥିବା ଜାଣି ସ୍ୱାମୀ, ପୁଅ, ନାତି ବା ଅନ୍ୟ ସମ୍ପର୍କୀୟଙ୍କ ମାଧ୍ୟମରେ ଅନଲାଇନ ଆବେଦନ କରାଇଥିଲୁ । ଆମକୁ ମେସେଜ ଆସିଲା ଏଇ ଯାଗାରେ ରହିବା ପାଇଁ । ଆମେ ଆସି ଏଇଠି ରହୁଛୁ ବୋଲି ଏହି ମା ମାନେ କହିଛନ୍ତି । ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ ସେମାନେ କୁହନ୍ତି, ଭୋର ୩ଟା ପୂର୍ବରୁ ଆମେ ଉଠି ପଡି ନିତ୍ୟକର୍ମ ସାରି ବୃନ୍ଦାବତୀ ପୂଜା କରି ପ୍ରସ୍ତୁତ ହୋଇ ଯାଉ । ସାଢେ ୪ଟାରୁ ଆମ ପାଇଁ ପ୍ରସ୍ତୁତ ମହିଳା ସ୍ୱେଚ୍ଛାସେବୀ, ପୋଲିସ ସ୍ୱତନ୍ତ୍ର ଗାଡି ସହ ଆମେ ରହୁଥିବା କେନ୍ଦ୍ର ଠାରେ ରହିଥାନ୍ତି । ଆମର ହବିଷ୍ୟାଳୀ ମା ମାନଙ୍କର ତାଲିକା କରି ନିର୍ଦ୍ଦିଷ୍ଟ ଗାଡି ମାନଙ୍କରେ ସ୍ୱେଚ୍ଛାସେବୀ ମାନଙ୍କ ସହ ଶ୍ରୀମନ୍ଦିର ପଠାଯାଏ । ମନ୍ଦିର ନିକଟରେ ଆମକୁ ସ୍ୱତନ୍ତ୍ର ଭାବେ ମନ୍ଦିର ଭିତରକୁ ନେଇ ଭିତର କାଠରେ ଅତି ଚମତ୍କାର ଦର୍ଶନ କରାଇ ସ୍ୱେଚ୍ଛାସେବୀ ମାନେ ଫେରେଇ ଆଣନ୍ତି । ମନ୍ଦିରରୁ ସମସ୍ତେ ଫେରିଲେ ବୋଲି ଗଣନା ହୁଏ ଓ କିଏ ବାଉଳାରେ ମନ୍ଦିର ପାଖେ ରହିଥିଲେ ତାଙ୍କୁ ଖୋଜି ହବିଷ୍ୟାଳୀ କେନ୍ଦ୍ରକୁ ଫେରେଇ ଅଣା ଯାଏ । ମହାପ୍ରଭୁଙ୍କୁ ଦର୍ଶନ କରି ଅନ୍ତର ପୁରି ଯାଏ । ଏଇଆ ତ ଆମ ଲକ୍ଷ୍ୟ । ମହାପ୍ରଭୁଙ୍କର ସେ ଦିବ୍ୟ ଦର୍ଶନ ଦେଖି ଆଖିରୁ ଦି ଧାର ଲୁହ ବୁହାଇ ଏଠାକୁ ଆସିବାର ଶ୍ରମ ଆମର ସାର୍ଥକ ହେଲା ବୋଲି ଭାବ ଗଦଗଦ କଣ୍ଠରେ କୁହନ୍ତି ମା ମାନେ ।ଦିନରେ ପୁରାଣ, ହବିଷ୍ୟାଳୀ ବ୍ରତ ବହି ପଢୁ, ନିଜ ନିଜ ମଧ୍ୟରେ ଭଜନ କୀର୍ତନ କରି ଦିନ ବିତାଉ । ସଂଧ୍ୟାରେ ଆକାଶ ଦୀପ ଉଠାଉ, ଦୀପ ଜାଳୁ, ମହାପ୍ରସାଦ ସେବନ ସହ ଭଜନ, କୀର୍ତନ, ପ୍ରବଚନ ଇତ୍ୟାଦି ଶୁଣି ମହାପ୍ରଭୁଙ୍କୁ ଚିନ୍ତନ କରିଥାଉ । ଏଠାରେ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ, କର୍ମଚାରୀ, ପୋଲିସ, ସ୍ୱେଚ୍ଛାସେବୀ ମାନଙ୍କ ଆଚାର ବ୍ୟବହାର ଭାରି ଭଲ । ବିଗତ ବର୍ଷ ମାନଙ୍କ ଠାରୁ ଚଳିତ ବର୍ଷ ର ଆୟୋଜନ ଉଚ୍ଚକୋଟିର ବୋଲି ହବିଷ୍ୟାଳୀ ମା ମାନଙ୍କ ମତ । ଜିଲ୍ଲାପାଳ ବି ସବୁବେଳେ ଆସୁଛନ୍ତି । ଆମକୁ ଭଲମନ୍ଦ ପଚାରୁଛନ୍ତି । ସୁବିଧା ଅସୁବିଧା ପଚାରୁଛନ୍ତି । ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ, ଅନ୍ୟ ଅଧିକାରୀ ମାନେ ଆସି ମଧ୍ୟ ଆମ ସହ ମିଶୁଛନ୍ତି । ଆମକୁ ବହୁତ ଆନନ୍ଦ ଲାଗୁଛି । ଭାବ ବିନୋଦିଆ ଠାକୁରଙ୍କୁ ଛାଡି ଗଲା ବେଳେ ଅନ୍ତର ଫାଟିଗଲା ଭଳି ଲାଗେ ବୋଲି କିଛି ମା ଆବେଗ ଭରା କଣ୍ଠରେ କୁହନ୍ତି । ଏହି ହବିଷ୍ୟାଳୀ ମା ମାନେ ଗୋଟିଏ ମାସ ହବିଷ୍ୟାଳୀ କେନ୍ଦ୍ର ମାନଙ୍କ ରହିଥାନ୍ତି । ସବୁ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନଙ୍କ ସହ ମା ମାନେ ଏଭଳି ଭାବ ଯୋଡି ଦେଇଥାନ୍ତି ଯେ ମା ମାନେ ନିଜ ନିଜ ଘରକୁ ଗଲାବେଳେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୁଏ । ପରସ୍ପରକୁ ଧରି ମା ମାନେ ଯେତିକି କାନ୍ଦନ୍ତି, ତା' ଠାରୁ ଅଧିକ ଲୁହ ଝରାନ୍ତି ସ୍ୱେଚ୍ଛାସେବୀ ଓ ସାହାଯ୍ୟକାରୀ କର୍ମଚାରୀଙ୍କୁ ଧରି । ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ହୁଏତ ପ୍ରଥମେ ପ୍ରଥମେ କାର୍ଯ୍ୟର ଚାପ ଯୋଗୁଁ ବ୍ୟସ୍ତ ହୋଇ ପଡିଥାନ୍ତି, ହେଲେ ସମୟ ଗଡିବା ସହ ମନର ବ୍ୟସ୍ତତା ସେବାରେ ରୂପାନ୍ତରିତ ହୁଏ । ମାସକ ଡିଉଟି ସରିବା ପରେ ମା ମାନେ ଯେବେ ଫେରି ଯାଆନ୍ତି ଲାଗେ ଯେମିତି ନିଜର ଲୋକମାନେ କିଏ ନିଜ ପାଖରୁ ହଜି ଯାଉଛନ୍ତି । ଆଉ ଏଇ ଶୂନ୍ୟତା ବେଶ କିଛି ଦିନ ବାନ୍ଧି ରଖେ ବୋଲି କୁହନ୍ତି ଦାୟିତ୍ୱରେ ଥିବା ଓ ଅତି ଘନିଷ୍ଠ ଭାବେ ମା ମାନଙ୍କ ସହ ମିଶୁଥିବା କେତେକ ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନେ ।

# କମଣ୍ଡ ମେର୍ମେଦା ନାଳରୁ ହେଉଛି ବେଧଡ଼କ ବାଲି ଚାଲାଣ : ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

ଚମ୍ପୁଆ, ୧୪ ଅକ୍ଟୋବର (ହି.ସ.)- ମେର୍ମେଦା ନାଳରୁ ଚୋରାରେ ବାଲି ଚାଲାଣ ଉପରେ ରୋକ ଲଗାଇ ପାରୁନାହିଁ ବିଭାଗ । ଫଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ସୀମା ଟପିବାକୁ ବସିଛି । ବାଲି ମାଫିଆ ସ୍ଥାନୀୟ ବାସିନ୍ଦାଙ୍କୁ ନାଲି ଆଖି ଦେଖାଇ ଦିନ ରାତି ବେଧଡ଼କ ବାଲି ଖୋଳି ନେଉଛନ୍ତି । ଗ୍ରାମବାସୀ ବିରୋଧ କଲେ ନିଶା ଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହେଉଛି । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ପଂଚାୟତର କମଣ୍ଡ ଗ୍ରାମ ଓ ଜାଲି ପଂଚାୟତର କୁଟପଶି ଗ୍ରାମ ମଧ୍ୟଦେଇ ଯାଇଥିବା ମେର୍ମେଦା ନାଳରୁ ବାଲି ଦୈନିକ ଦିନ ରାତି ଚୋରା ଚାଲାଣ ହେଉଥିଲେ ମଧ୍ୟ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଗାଁ କଂକ୍ରିଟ ରାସ୍ତା ଗୁଡିକରେ ଦୈନିକ ଅହରହ ବାଲି ବୋଝେଇ ଟ୍ରାକ୍ଟର ଦୃତ ଗତିରେ ଯିବା ଆସିବା କରୁଥିବାରୁ ରାସ୍ତା ଗୁଡିକର ସ୍ଥାୟିତ୍ୱ ରହୁ ନାହିଁ । ସେହିପରି ଶିରିକୁଆଁ ଠାରୁ ଛେଲିଆନାଳ କଂକ୍ରିଟ ରାସ୍ତା ନଷ୍ଟ ହେବାକୁ ବସିଲାଣି । ସରକାର ଲୋକଙ୍କ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁ ଦାଣ୍ଡ କଂକ୍ରିଟ କରୁଥିବା ବେଳେ ବାଲି ମାଫିଆ ମାନେ ବାହୁବଳ ଦେଖାଇ ଗ୍ରାମବାସୀଙ୍କ କଥାଙ୍କୁ ଭ୍ରୁକ୍ଷେପ ନ କରି ଦିନ ରାତି ବେଧଡ଼କ ବାଲି ଚୋରା ଚାଲାଣ କରୁଛନ୍ତି । ଗ୍ରାମବାସୀ କେହି କିଛି କହିଲେ ଓଲଟା ନାଲି ଆଖି ଦେଖାଉଥିବା ଅଭିଯୋଗ ହେଉଛି । ମାଫିଆ ମାନେ ଦିନ ରାତି ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରି ମାଲେ ମାଲ ହେଉଛନ୍ତି । ବିଭାଗ ସବୁ ଜାଣି ମଧ୍ୟ ନ ଜାଣିଲା ପରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ ଦୈନିକ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଛି । ଚୋରା ବାଲି ଚାଲାଣ ହେଉଥିବା ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ଠାରୁ ନେଇ ଲଘୁ ଖଣିଜ ବିଭାଗ ଅଧିକାରୀ ସମସ୍ତଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଦୈନିକ ବେଧଡ଼କ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ । ରାତି ଅନ୍ଧାରରେ ଚୋରା ଚାଲାଣ କରୁଥିବା ବାଲି ମାଫିଆ ଏବେ ନିର୍ଭୟରେ ଦିନ ବେଳେ ଖୁଲମଖୁଲା ବାଲି ଚୋରା ଚାଲାଣ କରୁଛନ୍ତି । ଫଳରେ ମାଫିଆ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବାଲି ମାଫିଆ ମାନେ କିଛି ତଳିଆ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଅବାଧ ଚୋରା ବାଲି ଚାଲାଣ କରୁଥିବା କୁହାଯାଉଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଦିନସାରା ବାଲି ଚାଲାଣ ହେଉଥିବା ସମୟରେ ଟ୍ରାକ୍ଟର ଡ୍ରାଇଭର ମାନେ ଦ୍ରୁତ ଗତିରେ ବେପରୁଆ ଭାବେ ଗାଡି ଚାଳନା କରୁଥିବାରୁ ସ୍କୁଲ ପିଲାଙ୍କ ଯିବା ଆସିବା ପ୍ରତି ବିପଦ ସୃଷ୍ଟି ହେବା ସହିତ ସାଧାରଣ ଧନ ଜୀବନ ମଧ୍ୟ ଅସୁରକ୍ଷିତ ହୋଇ ପଡିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବୀ ହେଉଛି ।

# ଟ୍ରାଇଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ

ମାଲକାନଗିରି, ୧୫/୧୦ (ନି.ପ୍ର): ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଠାରେ ଟ୍ରାଇଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ବିଭାଗର ଅଡିଟ ପାରା ନିରୀକ୍ଷଣ ନିମନ୍ତେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସଚିବ ବୀରସେନ ପ୍ରଧାନ ଏନେଇ ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଉପସ୍ଥିତ ଥିଲେ । ସରକାର ପ୍ରଦାନ କରୁଥିବା ଅର୍ଥର ସୁବିନିଯୋଗ ଓ ବିନିଯୋଗ ପ୍ରମାଣପତ୍ର ନିୟମ ଅନୁସାରେ ପ୍ରଦାନ ଏକ ବିଧି ସମ୍ମତ କାର୍ଯ୍ୟ । କିନ୍ତୁ, ଏହା ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇଛି ନା ନାହିଁ ତାହା ଟ୍ରାଇଙ୍ଗୁଲାର କମିଟି ଅନୁଧ୍ୟାନ କରିଛି । ଏହି କମିଟି ବିଭିନ୍ନ ଆର୍ଥିକ ଅସଙ୍ଗତି ଅନୁଧ୍ୟାନ ସହ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥାନ୍ତି । ଯେଉଁଭଳି ଭାବେ ଅଧିକରୁ ଅଧିକ ଅଡିଟ ପାରା ସମାଧାନ ହୋଇପାରିବ, ସେଥି ନିମନ୍ତେ ସମସ୍ତ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# ପାତ୍ରପୁଟ ବ୍ରିଜର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି

ଜୟପୁର, ୧୫/୧୦ (ନି.ପ୍ର): - କୋରାପୁଟ ଜିଲା ବୈପାରିଗୁଡା କୋଟା ବ୍ରିଜ ସୁରକ୍ଷା ମଂଚ ତରଫରୁ ଆଜି ଜୟପୁର ଉପ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ମଂଚର ସଦସ୍ୟ ମାନେ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ପହଂଚି ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୭ ଦିନ ଭିତରେ ପାତ୍ରପୁଟ ବ୍ରିଜର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ନକଲେ ପାତ୍ରପୁଟ ବ୍ରିଜ ଉପରେ ରାସ୍ତା ଅବରୋଧ କରିବାକୁ କେଶବ ଗୌରି ଦାସ, କୃଷ୍ଣ କେଶବ ଷଡଙ୍ଗୀ,ବିଶ୍ୱ ଜିତ ନାୟକ, ଜଗନ୍ନାଥ ରାଉତ, ସନ୍ତୋସ ପଟ୍ଟନାୟକ, ସତ୍ୟ ନାରାୟଣ ସାହୁ, ହେମନ୍ତ ଖେମୁଣ୍ଡୁ, ସଦନ ବିଷୋୟୀ ପ୍ରମୁଖ ଚେତାବନୀ ଦେଇଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୯୩୧ ମସିହାରେ ସ୍ଥାପିତ ବ୍ରିଟଶ୍ ଅମଳର ଜୟପୁର ଓ ବୈପାରିଗୁଡା ମଧ୍ୟରେ କୋଲାବ ନଦୀ ଉପରେ ଅବସ୍ଥିତ ଲୁହା ବ୍ରିଜର ଅବସ୍ଥା ଅତ୍ୟନ୍ତ ଶୋଚନିୟ ହୋଇ ପଡିଛି । ଉକ୍ତ ବ୍ରିଜ ଦେଇ ଆନ୍ଧ୍ର, ଛତିଶଗଡ, ମାଲକାନଗିରି ଏବଂ ମାଛକୁଣ୍ଡ ଜଳ ବିଦ୍ୟୁତ କେନ୍ଦ୍ର, ଗୁପ୍ତେଶ୍ୱର ପୀଠକୁ ହଜାର ହଜାର ସଂଖ୍ୟାରେ ଗାଡି ଦୈନିକ ଯାତାୟାତ କରୁଛି । ବ୍ରିଜର କେତେବେଳେ ଅଘଟଣ ଘଟିବ କହି ହେବ ନାହିଁ । ଜନ ସାଧାରଣ ମଧ୍ୟ ବ୍ରିଜ ଦେଇ ଯାତାୟାତ ଆଦି କଷ୍ଟକର ହୋଇ ପଡୁଛି । ପ୍ରଶାସନ ଉକ୍ତ ବିଷୟ ନେଇ ଅବଗତ ଥିଲେ ମଧ୍ୟ ବ୍ରିଜ ର ସୁରକ୍ଷା ନିମନ୍ତେ କୌଣସି ଦୃଷ୍ଟାନ୍ତମୁଳକ ପଦକ୍ଷେପ ନେଉ ନାହାନ୍ତି । ପାତ୍ରପୁଟ ବ୍ରିଜ ଏକ ଐତିହ୍ୟ ତେଣୁ ସେହି ବ୍ରିଜକୁ ପର୍ଯ୍ୟଟନସ୍ଥଳି ଭାବେ ବ୍ୟବହାର କରାଯାଉ । ନିକଟରେ ଏକ ବ୍ରିଜ କରିବାକୁ ଦାବି କରାଯାଇଛି । ଏନେଇ ଜାତିୟ ରାଜପଥ ବିଭାଗକୁ ଅବଗତ କରାଇଲେ ବ୍ରିଜ ଠିକ ଅଛି ବୋଲି ଉତର ଦେଉଛନ୍ତି । ବର୍ତମାନ ଉକ୍ତ ରାସ୍ତା ଜାତୀୟ ରାଜପଥ ମାନ୍ୟତା ପାଇଛି । ତେଣୁ ନୂତନ ବ୍ରିଜ ନିର୍ମାଣ କରିବାକୁ ଦାବି କରାଯାଇଛି । ବିଗତ ଦିନରେ ଜାତୀୟ ରାଜପଥ ବିଭାଗ ବ୍ରିଜ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ । ତାହା ବନ୍ଦ ହୋଉଛି । ଉକ୍ତ ବ୍ରିଜ ଦେଇ କେନ୍ଦୁପତ୍ର ବୋଝେଇ ଟ୍ରକ ଯାତାୟାତ କରୁଛି । କ୍ଷମତା ଠାରୁ ଆଧିକ ଟ୍ରକ ରେ ପତ୍ର ଲୋଡ କରି ଅଣାଯାଉଛି । ଫଳରେ ବ୍ରିଜରେ କେନ୍ଦୁ ପତ୍ର ବୋଝେଇ ଟ୍ରକ ଲାଗି ଯାଉଛି । ବ୍ରିଜର ମଧ୍ୟ ଭାଗରେ ଗ ସୃଷ୍ଟି ହୋଇଛି । ୧୧ ଫୁଟ ଓସାର ଥିବା ବ୍ରିଜ ଗୋଟିଏ ଗାଡି ଗଲେ ଅନ୍ୟ ଏକ ଗାଡି ଅପେକ୍ଷା କରିବାକୁ ପଡୁଥିବା ଆଦି ଅଭିଯୋଗ କରାଯାଇଛି । ବ୍ରିଜ କଲକାତାର ପ୍ରସିଦ୍ଧ ହାୱଡା ବ୍ରିଜର ଅବିକଳ ନକଲ ଭାବେ ପରିଚିତ ଥିଲା । ବର୍ତମାନ ଏହି ବ୍ରିଜ ଅତ୍ୟନ୍ତ ଜରାଜିର୍ଣ୍ଣ ଅବସ୍ଥାକୁ ପହଂଚିଛି । ତା' ସହିତ ଆପ୍ରୋଚ ରାସ୍ତା ମଧ୍ୟ ଖାଲଖମା ହୋଇପଡ଼ିଛି । ଏହା ଫଳରେ ପ୍ରତିଦିନ ଏହି ବ୍ରିଜ ଦ୍ୱାରା ଯାତାୟାତ କରୁଥିବା ସାଧାରଣ ଲୋକ, ଛାତ୍ରଛାତ୍ରୀ ଓ ବିଭିନ୍ନ ଯାନବାହନ ଚାଳକମାନଙ୍କ ଜୀବନ ବିପଦପୂର୍ଣ୍ଣ ରହିଛି ।ଏହି ପରିସ୍ଥିତି ଦେଖି କୋଟା ବ୍ରିଜ ସୁରକ୍ଷା ମଂଚ ପକ୍ଷରୁ ଉପଜିଲ୍ଲାପାଳ ଜୟପୁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେଥିରେ ଉଲ୍ଲେଖ କରାଯାଇଛି ଯେ, ୧୯୩୧ ମସିହାରେ ନିର୍ମିତ ଏହି ପୁରୁଣା ବ୍ରିଜ ବର୍ତମାନ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଅଛି ଓ ଯେକୌଣସି ସମୟରେ ଦୁର୍ଘଟଣ । ଘଟିପାରେ ।

# ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ସମ୍ବଲପୁର, ୧୫/୧୦ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ତପସ୍ୱୀନି ପ୍ରେକ୍ଷାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୋଷଣ ଅଭିଯାନକୁ ସଫଳ କରିବାରେ ଅଙ୍ଗନୱାଡ଼ି କର୍ମୀ ମାନେ ସାମାଜିକ ପରିବର୍ତନକାରୀ ହିସାବରେ କରୁଥିବା କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଥିଲେ ଓ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ କୁପୋଷଣକୁ ଦୂରେଇବା ଦିଗରେ ସମସ୍ତଙ୍କର ଭୂମିକା ରହିଛି ବୋଲି ମତ ରଖିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌର ନାରାୟଣ ପାଣି ଯୋଗଦେଇ ପୃଷ୍ଟିହୀନତା ଓ ସାମାଜିକ ସୁରକ୍ଷା ମଧ୍ୟରେ ଥିବା ଯୋଗାଯୋଗ ସମ୍ପର୍କରେ ମତ ରଖିଥିଲେ । ଡ. ପିସି ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସହକାରୀ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଯୋଗଦେଇ କିପରି ପୃଷ୍ଟିହୀନତା ଦୂର କରାଯାଇ ପାରିବ ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ସମାଜମଙ୍ଗଳ ଅଧିକାରିଣୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ କୁପୋଷଣକୁ କିପରି ଭାବରେ ଦୂର କରାଯାଇ ପାରିବ ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ପୂର୍ବତନ ସମାଜ ମଙ୍ଗଳ ଅଧିକାରିଣୀ ଝୁନୁ ସ୍ୱାଇଁ କୁପୋଷଣ ଦୂର କରିବାରେ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକା ସମ୍ପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ପୂର୍ବତନ ସମାଜ ମଙ୍ଗଳ ଅଧିକାରିଣୀ କିପରି ଭାବରେ ଶିଶୁ ମାନଙ୍କୁ ପୋଷଣ ଖାଦ୍ୟ ପ୍ରଦାନ କରାଯାଉଛି ମତ ରଖିଥିଲେ । ଏହି ଅବସରରେ ପୋଷଣ ମାସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ରଚନା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କିଶୋରୀ, ବାଳିକା, ସୁପରଭାଇଜର ଓ ସିଡିପିଓ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ ଓ କିଶୋରୀ ବାଳିକା ମାନେ ପୋଷଣ ଉପରେ ନୃତ୍ୟ ପରିବେଷଣ କରିଥିଲେ । ସୁନୀତା ତ୍ରିପାଠୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ଅଭିଳାଶ ରଥ ଆୟୋଜନ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମକର୍ତା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜୟନ୍ତୀ ଗର୍ତିଆ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ହାଉସିଂବୋର୍ଡ ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ



ଭୁବନେଶ୍ୱର,୧୫/୧୦(ନି.ପ୍ର) : ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବାରଦିନ ଧରି ଚାଲିଥିବା ଏହି ପୂଜା ମହୋତ୍ସବରେ ହାଉସିଂବୋର୍ଡ କଲୋନୀ ଓ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିଲା। ଲୋକମାନେ ମୀନାବଜାରରୁ ଘରକରଣା ଜିନିଷପତ୍ର କିଣାକିଣି କରିବା ସହିତ ବିଭିନ୍ନ ଦୋଳିର ମଜା ନେଇଥିଲେ। ଗତକାଲି ପୂର୍ଣ୍ଣାହୁତି ଦିଆଯାଇ ମା ଙ୍କ ପାଖରେ ଲାଗି ହୋଇଥିବା ଚରୁ ଅନ୍ନପ୍ରସାଦ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଏଲପିଟିମ୍ ସଦସ୍ୟ ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଆଜି ସନ୍ଧ୍ୟାରେ ମାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ବାଦ୍ୟ ଘଣ୍ଟ ଓ ଢୋଲବାଜା ଏବଂ ବ୍ରାସବ୍ରାଣ୍ଡ ବାଜାଇ ହାଉସିଂବୋର୍ଡ କଲୋନୀ ପରିକ୍ରମା କରାଯାଇ ଚନ୍ଦ୍ରଶେଖରପୁର ଥାନାକୁ ନିଆଯାଇଥିଲା। ସେଠାରେ ୩୪ ବର୍ଷର ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇ ମାଙ୍କୁ ମେଲାଣି ଦିଆଯାଇଥିଲା। ମୁଖ୍ୟ ସଂଯୋଜକ ଅନିରୁଦ୍ଧ ଲେଙ୍କା ଭସାଣି ଉତ୍ସବକୁ ପରିଚାଳନା କରିଥିଲେ। ବଣିକ ସଂଘର ସଭାପତି, ସମ୍ପାଦକ, ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ପୂଜାକୁ ପରିଚାଳନା କରିଥିଲାବେଳେ ଆବାସିକ ସଂଘ, ଯୁବକ ସଂଘ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଏବଂ କଲୋନୀ ବାସିନ୍ଦାମାନେ ସହଯୋଗ କରିଥିଲେ। ବଣିକ ସଂଘର ସଭାପତି ବନଜାଲକ୍ଷ୍ମୀ ଜେନା ଓ ସମ୍ପାଦକ ଶିବପ୍ରସାଦ ମହାନ୍ତି ଶାନ୍ତି ଶୃଙ୍ଖଳାର ସହ ପୂଜା ସମାପନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା



ଖଇରା,୧୫/୧୦(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏପିଜେ ଅବଦୁଲ କାଲାମ ଙ୍କ ଜୟନ୍ତୀ ପାଳନ ଓ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ମେଳାରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପିଲା ମାନଙ୍କ ଦ୍ୱାରା ୭୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଉକ୍ତ ଉତ୍ସବରେ ଷଡାନନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଳା ଉଦଘାଟନ ଅବସରରେ ଭାରତକୁ କାଲାମ ଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ବିଚାରକ ମଣ୍ଡଳୀ ବିଭିନ୍ନ ପ୍ରକଳ୍ପର ମୁଲ୍ୟାୟନ କରିଥିଲେ । ଏହି ପ୍ରକଳ୍ପ ମଧ୍ୟରେ ତୁଷାର ରଞ୍ଜନ ଜେନା, ସ୍ମୃତି ପ୍ରିୟଦର୍ଶନୀ ବେହେରା, ପାର୍ଥସାରଥୀ ମହାନ୍ତି ସଫଳତା ଲାଭ କରିଥିଲେ । ପ୍ରଧାନଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ,ଗୁରୁମାଗୁରୁଜୀ ଦିପାଞ୍ଜଳୀ ବେହେରା, କାର୍ତ୍ତୀକେଶ୍ୱର ମୁଦୁଲୀ ଓ ପିୟୁସ ପ୍ରତୀମ ରାଉତ ବିଚାରକ ମଣ୍ଡଳୀଙ୍କୁ ମୁଲ୍ୟାୟନ କାର୍ଯ୍ୟରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ପରିଚାଳକ ଦିଲ୍ଲିପ କୁମାର ଲେଙ୍କା ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।

# ଡାକ୍ତରୀଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପଶ୍ଚିମବଙ୍ଗର ମହାମହିମ ରାଜ୍ୟପାଳଙ୍କୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି - ୧୫/୧୦ : ପଡ଼ୋଶୀ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ଘଟିଥିବା ଦୁର୍ଭାଗ୍ୟଜନକ ଗଣଦୁଷ୍କର୍ମ ଘଟଣାରେ ମଙ୍ଗଳବାର ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଆଇକ୍ୟୁସିଟି ହସ୍ପିଟାଲରେ ସାକ୍ଷାତ କରି ସ୍ୱାସ୍ଥ୍ୟଅବସ୍ଥା ବିଷୟରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଓ ଡାକ୍ତରୀ ଟିମଙ୍କ ଠାରୁ ଅବଗତ ହୋଇଥିଲେ। ଆଜି ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବ୍ୟକ୍ତିଗତ ଭାବେ ପଶ୍ଚିମବଙ୍ଗର ମହାମହିମ ରାଜ୍ୟପାଳ ଡ଼ଃ ସି ଭି ଆନନ୍ଦ ବୋଷଙ୍କୁ ସାକ୍ଷାତକରି ବିସ୍ତୃତ ଆଲୋଚନା କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଓ ଦୋଷୀଙ୍କ ବିରୁଦ୍ଧରେ କଠୋରରୁ କଠୋରତର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅନୁରୋଧ କରିଛନ୍ତି।

# କିସ୍ମତକୃଷ୍ଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ବାସୁଦେବପୁର,୧୫/୧୦(ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତକୃଷ୍ଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କିସ୍ମତକୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବିନାଶ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିୟ କୁମାର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସି ଆର ସି ସି ଶିବ ପ୍ରସାଦ ବାରିକ୍, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ବାରିକ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ଶାନ୍ତନୁ ବାରିକ୍, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାଜେଶ କୁମାର ବେହେରା, ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବେହେରା, ବସନ୍ତ ପ୍ରଧାନ, ଚିନ୍ତାମଣି ସାହୁ ଓ ରବୀନ୍ଦ୍ର ସେଣ୍ଠ୍ । ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ପୂର୍ବତନ ସି ଆର୍ ସି ସି ଦୈତ୍ୟାରି ବେହେରା ଓ ଗୌତମ ବେହେରା ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ଉତ୍ସବରେ ସୃଜନ ଲିଖନ, ପ୍ରବନ୍ଧ ଲିଖନ, ସଙ୍ଗୀତ, ନୃତ୍ୟ, ତର୍କ, ଚିତ୍ରକଳା, ଶିଳ୍ପକଳା, ଗଣିତ ଦୌଡ, କୁଇଜ୍ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଏହି ଉତ୍ସବରେ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ପାରା ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ମହନି ମଞ୍ଚ ସଂଯୋଜନା କରିବା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ବିଚାରକ ମଣ୍ଡଳୀ ଏହି ଉତ୍ସବରେ ଯୋଗ ଦେବା ସହିତ ସେମାନଙ୍କର ଠିକ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।କିସ୍ମତ୍ କୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଅସୀମା ବନ୍ଧ, ମନୋଜ କୁମାର ବେହେରା, ମାନସୀ ଦାସ, ସଂଯୁକ୍ତା ଘଡ଼େଇ, ବାସନ୍ତୀ ସାହୁ, ଶର୍ମିଷ୍ଠା ନାୟକ, ଲୋପାମୁଦ୍ରା ମିଶ୍ର, ହେମପ୍ରଭା ଦାସ, ମମତା ମାଝି ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପ୍ରଥମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନେ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି।

# ବିଭିନ୍ନ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ : ତରାପୁର କ୍ଲଷ୍ଟର




ଭଦ୍ରକ,୧୫/୧୦(ନି.ପ୍ର) :ବନ୍ତ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ତରାପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ପୋଡ଼ାପାଟଣା ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋଡ଼ାପାଟଣା ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାଗିରଥି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବି.ବି.ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି ଯୋଗଦେଇଥିଲେ । କେନ୍ଦୁଆପଦା ମହାବିଦ୍ୟାଳୟ ଭାରାପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ବେହେରା, ଟିଲୋ କ୍ଲଷ୍ଟର ସିଆରସିସି ଅଶୋକ ଦାସ, ତୋଫାବିବି କ୍ଲଷ୍ଟର ସିଆରସିସି ନିରଞ୍ଜନ ଖିଲାର, ତରାପୁର କ୍ଲଷ୍ଟର ସିଆରସିସି ଜଗନ୍ନାଥ ଖୁଣ୍ଟିଆ,ପରିଚାଳନା କମିଟି ସଭାପତି ହେମନ୍ତ ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ସୁଧୀର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ୧୪ ଗୋଟି ବିଦ୍ୟାଳୟର ୨୫୦ ଜଣ ଛାତ୍ରଛାତ୍ରୀ ଆୟୋଜିତ୨୨ ଗୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅମର କୁମାର ବାରିକ, ସୁରେନ୍ଦ୍ର ଜେନା, ମହମ୍ମଦ ଆବିଦ, ଅରୁଣ ନାୟକ, ଶାନ୍ତିଲତା ନାଥ, ରଞ୍ଜୁଲତା ସାହୁ, ସୁଦାମ ଜେନା, ନୁରୁନ ଅମିନ, ସୌଭାଗ୍ୟଲତା ସେଠୀ, ରମାକାନ୍ତ ଜେନା, ମୁସାରଫ କାଦ୍ରି,ରଚିତା ସାହୁ, ଜାହାରୁଦ୍ଦିନ ସହାଦୀ, ଉତ୍ତମ ମାଝୀ, ଏସକେ ଅଜାରୁଦ୍ଦିନ, ଏସକେ ରମଜାନ ଅଲ୍ଲୀ, ଚଂଚଳାବାଳା ଜେନା, ସୁରେଶ କୁମାର ଜେନା, ସୁଶ୍ରୀସଂଗୀତା ସ୍ୱାଇଁ, ଅହମାତୁନ ଖାତୁନ, ରଂଜିତ ରାଉତ, ଲାଙ୍ଗୁଳା ସୂଆର, ଗୋଲକ ଜେନା, ଜଗତଜୀବନ ଜେନା ପ୍ରମୁଖ ବିଚାରକ କାର୍ଯ୍ୟ ତୁଲାଇଥିଲେ। ସମସ୍ତ ୧୪ ଗୋଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ, କମିଟି ସଦସ୍ୟ /ସଦସ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରୂପସା ନିକଟରେ ରେଳରେ କଟି ଯୁବକ ମୃତ

ବସ୍ତା,୧୫।୧୦(ନିପ୍ର): ରୂପସା ଓ ହଳଦୀପଦା ଷ୍ଟେସନ ମଧ୍ୟରେ ଟ୍ରେନରେ କଟି ଜଣେ ଯୁବକ ର ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ ଆଜି ଅପ ଟ୍ରେନରେ ୫୦ ବର୍ଷର ଏହି ଯୁବକ ମୃତ୍ୟୁ ବରଣ କରିଥିବା ବେଳେ ତା'ର ପରିଚୟ ମିଳି ପାରି ନାହିଁ।ରେଳ ବାଇ ପୁଲିସ ଶବ ଜବତ କରି କେଶ ନଂ ୭୭/୨୦୨୫ରେ ଏକ ମାମଲା ରୁଜୁ ସହ ତଦନ୍ତ ଚାଲୁ ରଖିଛି।

# ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ




ଜଳେଶ୍ୱର,୧୫/୧୦(ନି.ପ୍ର) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ୭ ନମ୍ବରଜୋନରେ ବିଜେଡିର ଜନସଂପର୍କ ପଦଯାତ୍ରା ଆଜି ଅପରାହ୍ନ ୧୨ ଘଟିକା ସମୟ ରେ ବରଡିହା, କଳମା ଏବଂ ଚମାର ଗାଁ ପଂଚାୟତ କୁ ନେଇ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଜନସଂପର୍କ ପଦଯାତ୍ରା ରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବାଲେଶ୍ୱରର ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ସହିତ ବିଜେଡ଼ି ର ବହୁ ନେତା ଓ କର୍ମି ପଦ ଯାତ୍ରା ଦୀର୍ଘ ପାଞ୍ଚ କେଲୋ ମିଟର ପଦଯାତ୍ରା କରିଥିଲେ।ପରେ କଳମା ପଂଚାୟତ ରେ ଅଶାବନ୍ଧ ଗ୍ରାମ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ବିଜେଡି ସଭାପତି ଦିଲ୍ଲୀପ ସାମଲଙ୍କ ସଭାପତିତ୍ୱ କରିଥିଲେ । ଏହି ବୈଠକ ରେ ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ, ବ୍ଲକ ଅଧକ୍ଷ ମାନସ ଜେନା, ୭ନମ୍ବର ଜୋନର ଜିଲ୍ଲାପରିଷଦ ସଦସ୍ୟା ତୁଳସୀ କିସ୍କୁ, ଉପାଧକ୍ଷା ସଞ୍ଜିତା ସେନାପତି, ବସ୍ତା ବ୍ଲକ ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ନଗରପାଳ ପ୍ରତୀପ ପ୍ରଧାନ, ବରଦା ପ୍ରସନ୍ନ ପଟନାୟକ, ମହିଳା ନେତ୍ରୀ ବିନ୍ଦୁ ବାଳା ନନ୍ଦୀ, କଳମା ସରପଞ୍ଚ ସ୍ମିନିତା ଦତ୍ତ, କଳମା ସଦସ୍ୟ ଚିତ୍ତରଞ୍ଜନ ବେହେରା, ବରଡ଼ିହାସରପଞ୍ଚ ଅଜୟ ମହାନ୍ତି ସହିତ ବହୁ ସରପଂଚ ସାମିଲ୍ ହୋଇଥିଲେ।

# ବାଛୁରୀପଡ଼ାରେ ବାଣ ମେଳା ବସିବାକୁ ନେଇ ଏବେବି ଅନିଶ୍ଚିତତା ରହିଛି

ବୈଶିଙ୍ଗା,୧୫/୧୦(ନି.ପ୍ର) : ଦୀପାବଳୀରେ ବାଣ ବିକ୍ରୀ ପାଇଁ ବାଣର ଗନ୍ତାଘର ଭାବେ ବାଛୁରୀପଡା ଗ୍ରାମ ବହୁ ଚର୍ଚ୍ଚିତ ।ଏକ ମାସ ପୂର୍ବରୁ ବାଣ ତିଆରି ହୋଇ ଜିଲ୍ଲା ବାହାରକୁ ରପ୍ତାନି କରାଯାଇଥାଏ। ଚଳିତ ବର୍ଷ ଅକ୍ଟୋବର ୫ ତାରିଖରେ ଏକ ବିସ୍ଫୋରଣ ଘଟି ଅନୀଲ ଦାସ ନାମକ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ବାଣ ବିକ୍ରୀ ପାଇଁ ଅନୁମତି ମିଳି ପାରିନାହିଁ । ଏଥି ସହିତ ବାଣ ମେଳା ଅନୁଷ୍ଠିତ ହେବା ଯୋଗୁଁ ପ୍ରତିବର୍ଷ ଅଘଟଣ ଘଟି କେହିନା କେହି ମୃତ୍ୟୁ କରୁଥିବା ଘଟଣାକୁ ନେଇ ପୁରୁଣିଆ ସରପଞ୍ଚ ସୁନ୍ଦର ମୋହନ ସିଂ, ବେତନଟି ବ୍ଲକ ଉପାଧକ୍ଷ ଦେବଦତ୍ତ ତିଆଡି ଚଳିତ ବର୍ଷ ବାଣ ମେଳାକୁ ଅନୁମତି ନ ଦେବା ପାଇଁ ଜିଲ୍ଲାପଳଙ୍କ ଠାରେ ଅଭିଯୋଗ କରିଥିଲେ । ଏହି ବିଷୟକୁ ନେଇ ଜିଲ୍ଲାପାଳ ହେମକାନ୍ତ ସଏ ଗୁରୁବାର ପୂର୍ବାହ୍ନରେ ଏକ ଜରୁରୀ ବୈଠକ ଡକାଇ ଥିଲେ। ସ୍ଥାୟୀ ଲାଇସେନ୍ସ ଧାରୀ ୪ ଜଣ ଏବଂ ଅସ୍ଥାୟୀ ବାଣ ଦୋକାନ ପାଇଁ ଆବେଦନ କରିଥିବା ୧୬ ଜଣ ବ୍ୟବସାୟୀ ବୈଠକରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଏଡିଏମ୍ ଈଶ୍ୱର ନାୟକ,ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏସ.ଡିପିଓ ମିନତୀ ବିଶ୍ୱାଳ, ବିଡିଓ ଶୁଶାନ୍ତ ସୁତାର, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା.ଆଇଆଇସି ବାରିଣି ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବିଷୟ ଉପରେ ଚର୍ଚ୍ଚା କରିଥିଲେ । ଶେଷରେ ନିଷ୍ପତ୍ତି ନିଆଯାଇଥିଲା ଯେ ଆବେଦନକାରୀ ମାନେ ଏକ ସତ୍ୟପାଠ ଜରିଆରେ କେବଳ ଗ୍ରୀନ ବାଣ ବିକ୍ରୀ କରିବେ,ହାତ ତିଆରି ବାଣ ବିକ୍ରୀ କରିଲେ ୧୦ ବର୍ଷ ଜେଲଦଣ୍ଡ ଭୋଗିବେ । ଏଥି ସହିତ ପୋଲିସ ଟିମ୍ କ୍ୟାମ୍ପ କରି ରହି ତଦାରଖ କରିବେ। ସର୍ତ୍ତ ଖିଲାପ ହେଲେ ମୃତୟନ ଥିବା ଅଗ୍ନିଶମ ବିଭାଗ ସମସ୍ତ ବାଣ ଉପରେ ପାଣି ପକାଇ ନଷ୍ଟ କରିଦିଆଯିବ।

# ଅଷ୍ଟମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ




ଭଦ୍ରକ,୧୫/୧୦(ନି.ପ୍ର) : ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଅଷ୍ଟମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ,ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ପ୍ରମୁଖ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି, ଗ୍ରାମ୍ୟ ଉନ୍ନୟନ, ଗମନା ଗମନ, ପୂର୍ତ୍ତ ନଗର ଉନ୍ନୟନ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ରୋଗୀ ସେବା ସମସ୍ୟା , ଖାଉଟି ଯୋଗାଣ, ଜଳ ସମ୍ପଦ, ବନ୍ୟା ସମସ୍ୟା, ଶିକ୍ଷା, ଡାକ୍ତର ନିଯୁକ୍ତି, ଶିକ୍ଷକ ନିଯୁକ୍ତି, ପରିମଳ ବ୍ୟବସ୍ଥା, ପ୍ରମୁଖ ସମସ୍ୟା ଏବଂ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଉପରେ ସମୀକ୍ଷା କରି ସରକାରୀ ଯୋଜନା ସଠିକ ଭାବେ କାର୍ଯ୍ୟ କାରୀ ହେବା ସହିତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗାଆଁ ଠାରୁ ସହର ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଧାୟକ ଅଶୋକ ଦାସ, ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନି ବାଳା ବିଶ୍ୱାଳ, ପ୍ରମୁଖ ଯୋଗ ଦେଇ ଥିବା ବେଳେ ଜିଲ୍ଲାର ସାତଟି ବ୍ଲକ ର ପଞ୍ଚାୟତ ସମିତି ଅଧ୍ୟକ୍ଷ/ ଅଧ୍ୟକ୍ଷା ଜିଲ୍ଲାପରିଷଦ ସଦସ୍ୟ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ

## ବିଶ୍ୱ ଛାତ୍ର ଦିବସ ପାଳିତ

# କାଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ




ବାଲିଆପାଳ,୧୫/୧୦(ନି.ପ୍ର) : ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ପୂର୍ବାହ୍ନରେ ଡଃ ଅବଦୁଲ କାଲାମଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଇଛି । ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା ବିଶ୍ୱ ଛାତ୍ର ଦିବସ ବିଷୟରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ଯୋଗଦେଇ କାଲାମଙ୍କ ନିତି ଆଦର୍ଶକୁ ଅନୁସରଣ କରି ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଥିଲେ ।ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ କାଲାମଙ୍କ ପରି ସ୍ୱପ୍ନ ଦେଖ ତାହା ଦିନେ ବାସ୍ତବରେ ପରିଣତ ହେବ, ପ୍ରତ୍ୟେକ ପିଲା ନିଜ ଜନ୍ମଦିନରେ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସଦସ୍ୟ ପ୍ରଭାକର ସେଠି, ଗୁରୁଜୀ, ସାଇ ବିକାଶ ବେହେରା, ବସନ୍ତ ପ୍ରଧାନ,ନିଆଶୀ ରଣଜିତ, ଧରଣୀଧର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଗୁରୁମା ଅଞ୍ଜୁବାଳା ମିଶ୍ରି ,ଛବିରାଣ ପରିଡ଼ା, ରଶ୍ମିତା ପାଢୀ ଓ ଅନ୍ୟ ଗୁରୁଜୀ,ଗୁରୁମା ସୋହଯୋଗ କରିଥିଲେ। ଗୁରୁଜୀ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓୟୁଜେ ପାଳିଲା ଅବଦୁଲ କାଲାମଙ୍କ ଜୟନ୍ତୀ

# ଅବଦୁଲ କାଲାମଙ୍କ ଦେଶପ୍ରେମ ଯୁବ ସମାଜ ପାଇଁ ପ୍ରେରଣା: ଓୟୁଜେ




ବାଲେଶ୍ୱର,୧୫/୧୦(ନି.ପ୍ର) : ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ସମୃଦ୍ଧ କରିବା ସହିତ ଯୁବ ସମାଜ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରି ସମଗ୍ର ବିଶ୍ୱବାସୀଙ୍କ ମନରେ ଉଦାହରଣ ସୃଷ୍ଟି କରିଥିବା ଯୁଗଜନ୍ମା ପୁରୁଷ ଡ. ଏ .ପି. ଜେ. ଅବଦୁଲ କାଲାମ ଙ୍କ ଅବଦାନ ଭୁଲି ହେବ ନାହିଁ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ବକ୍ତ କରିଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ ଛକ ଠାରେ ଥିବା କାଲାମ ଙ୍କ ପ୍ରତିମୂର୍ତ୍ତୀରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଲାମଙ୍କ ଦେଶପ୍ରେମ କୁ କେବେ ଭୂଲିହେବ ନାହିଁ ବୋଲି କହିଥିଲେ। ଯୁବ ସମାଜ ପାଇଁ ସେ ପ୍ରେରଣା ର ଉତ୍ସ ଥିଲେ। ବାଲେଶ୍ୱର ର ଚାନ୍ଦିପୁର ତାଙ୍କର କର୍ମଭୂମୀ ଥିଲା। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ସେ ଦୀର୍ଘଦିନ କାମ କରି ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷା କରି ସମଗ୍ର ବିଶ୍ୱ କୁ ଚକିତ କରିଦେଇଥିଲେ ବୋଲି ଶ୍ରୀ ଦାସ କହିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଫେସର ଶତୃଘ୍ନ ମଲ୍ଲିକ ଯୋଗଦେଇ କହିଲେ ଯେ, ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ସମୃଦ୍ଧ କରାଇବା ପାଇଁ ଉନ୍ନତ ମାନର କ୍ଷେପଣାସ୍ତ୍ର ପରୀକ୍ଷା ତାଙ୍କର ପେସା ଥିଲା। ଅନ୍ୟ ପକ୍ଷରେ ଦେଶର ମାନବ ସମ୍ବଳ ଯୁବସମାଜ କୁ ବିନିଯୋଗ କରି ଏକ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ ଭାରତ ବର୍ଷ ଗଠନ କରିବା ପାଇଁ ସ୍ୱପ୍ନ ଦେଖିବାକୁ ସେ ସର୍ବଦା ଉଚ୍ଚତର ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀ ଙ୍କୁ ପରାମର୍ଶ ଦେଉଥିଲେ। କାଲାମ ଙ୍କ ଦେଶପ୍ରେମ ଓ ପ୍ରେରଣା ରେ ଯୁବ ସମାଜ ସର୍ବଦା ଅନୁପ୍ରାଣିତ ହେଉଥିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ ।ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ୟୁନିଅନ୍‌ର ସଂପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ , ଅଜିମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ପ୍ରଧାନ, ଲକ୍ଷ୍ମୀଧର ବାରିକ, ହିମାଂଶୁ ଦାସ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

ଗୁରୁବାର, ଅକ୍ଟୋବର ୧୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସୌମେନ୍ଦ୍ର ବେହେରାଙ୍କ ବିୟୋଗରେ ଶୋକସଭା



ଉଦଳା,୧୫/୧୦(ନି.ପ୍ର) : ଉଦଳା କଚେରିରେ ଓକିଲାତି କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ସୌମେନ୍ଦ୍ର ବେହେରା ଓରଫ ବାପି ୫୩ ବର୍ଷ ବୟସରଙ୍କ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ଚଳିତ ଅକ୍ଟୋବର ୮ ତାରିଖ ବୁଧବାର ରାତିରେ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ସୌମେନ୍ଦ୍ର ଉଦଳା ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ଛାତ୍ର ଥିଲେ । ତେବେ ଅକ୍ଟୋବର ୧୪ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଉଦଳା ଉଚ୍ଚ ବିଦ୍ୟାଳୟର ସହପାଠୀ ମାନେ ସ୍ଥାନୀୟ ସରସ୍ୱତୀ ମନ୍ଦିର ନିକଟରେ ଏକତ୍ରିତ ହୋଇ ଏକ ଶୋକ ସଭାର ଆୟୋଜନ କରିଥିଲେ । ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇବା ପରେ ପରମାନନ୍ଦ ଖଣ୍ଡେଇଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସତ୍ୟପ୍ରକାଶ ବସା, ରବିନ୍ଦ୍ର ପରିଡ଼ା, ମନୋଜ ସାହୁ, ପଙ୍କଜ ଖୁଂଟିଆ, ସିତେନ ଦତ, ହିମାଂଶୁ ଶେଖର ପାଲ, ତରୁଣକାନ୍ତି ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ସୌମେନ୍ଦ୍ର ବେହେରାଙ୍କ ସହିତ ବିଗତ ଦିନରେ ବିତାଇଥିବା ଅନ୍ତରଙ୍ଗ ମୁହୁର୍ତ୍ତର ଅନୁଭବ ବିସ୍ତୃତ ବର୍ଣ୍ଣନା କରିଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଶୋକସଭାର ଯବନିକା ପକାଇଥିଲେ ।

# ଖଇରା ପଞ୍ଚାୟତ ସମିତି ବୈଠକରେ କୃଷି ଆଲୋଚନା ବେଳେ ଝଡ




ଖଇରା,୧୫/୧୦(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେସନ ବୁଧବାର ଦିନ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଜଳସେଚନ ଓ କ୍ଷୁଦ୍ର ଜଳସେଚନ, ପ୍ରାଣୀ ଚିକିତ୍ସା ଓ ମତ୍ସ୍ୟ ବିଭାଗ, ପାନୀୟ ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ ବିଭାଗ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ଗ୍ରାଣ୍ଟ-ଇନ -ଏଡରେ ପଡିରହିଥିବା ଅର୍ଥ କିଭଳି ପଞ୍ଚାୟତ ସମିତି ଅଧିବେସନ ରେ ଆଲୋଚନା କରାଯାଇ ଖର୍ଚ୍ଚ କରାଯାଇ ପାରିବ ଏବଂ ଏହି ଫଣ୍ଡ ପାଇଁ ପ୍ରକଳ୍ପ ଚୟନ ଉପରେ ୨୩-୨୪ ଓ ୨୪-୨୫ ଆର୍ଥିକ ବର୍ଷ ପାଇଁ କୋର୍ଟରେ ଚାଲିଥିବା ମକଦମା ସାଙ୍ଗକୁ ଦାନା ପ୍ରକଳ୍ପ ଉପରେ ଚାଲିଥିବା ମକଦ୍ଦମା ପ୍ରତ୍ୟାହାର କରାଯିବା ଉପରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଗୃହକୁ ଉତ୍ତମ ପରାମର୍ଶ ଦେଇଥିବା ବେଳେ ଏହାକୁ ସମସ୍ତେ ସ୍ୱାଗତ କରିଥିଲେ । ସେହିଭଳି ସମନ୍ୱିତ କୃଷି ପଦ୍ଧତି(ଆଇଏଫଏସ) ରେ ହିତାଧିକାରୀ ଚୟନରେ ଅନିୟମିତତା ଘଟଣାକୁ ନେଇ ୬ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ବ୍ଲକ କୃଷି ଅଧିକାରୀଣୀ ଶିବାନୀ ମିଶ୍ରଙ୍କ ମଧ୍ୟରେ କଥାକଟି ହୋଇଥିଲା । ଚାଷି ମାନଙ୍କ ଆବଶ୍ୟକତା ଦୃଷ୍ଟିକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ ବିଭାଗର ଏକ କାର୍ଯ୍ୟାଳୟ ଖୋଲିବାକୁ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ଦାବି କରିଥିଲେ । ଉକ୍ତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସଭ୍ୟା ରଶ୍ମିତା ମହାପାତ୍ର, ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଘରପୋଡି ମାମଲାରେ ୩ ବର୍ଷ ଦଣ୍ଡାଦେଶ, ପଚାଶ ହଜାର ଜରିମାନା

ବାସୁଦେବପୁର,୧୫/୧(ନି.ପ୍ର): ଘରପୋଡି ଦେବା ଓ ମରଣାନ୍ତକ ଆକ୍ରମଣ ଘଟଣାର ବିଚାର କରି ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ଜଣକ ଇରମ ଗ୍ରାମର ଯଦୁନାଥ ବେହେରାଙ୍କ ବିରୁଦ୍ଧେ ଭାରତୀୟ ପିଙ୍ଗଳକୋର୍ଟ ଦଫା ୪୩୬ ବଳରେ ତିନିବର୍ଷ ଦଣ୍ଡାଦେଶ ଶୁଣାଇଥିବା ଜାଣିବାକୁ ମିଳିଛି । ଘଟଣାରୁ ପ୍ରକାଶ, ୨୦୨୩ ମସିହା ଡିସେମ୍ବର ମାସ ତେର ତାରିଖ ରାତିରେ ଇରମ ରଥପଦାରେ ଥିବା ପଦ୍ମନାଭ ଦାଶଙ୍କ ଭଡା ସୁତ୍ରରେ ଲାଗିଥିବା ୧୮ଗୋଟି ଦୋକାନ ଘରେ ଅଭିଯୁକ୍ତ ଜଣକ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ । ଅଗ୍ନି ର ପ୍ରକୋପ ଏମିତି ଥିଲା ଯେ ଧାମରା ଓ ବାସୁଦେବପୁର ଅଗ୍ନୀଶମ ବାହିନୀ ନିଆଁକୁ ଆୟତ୍ତ କରିପାରିନଥିଲେ । ଫଳରେ ପନ୍ଦରଗୋଟି ଦୋକାନ ଘର ଓ ଦୋକାନୀ ମାନଙ୍କ ସାମଗ୍ରୀ ଆନୁମାନିକ ପଚାଶଲକ୍ଷଟଙ୍କା ମୂଲ୍ୟର ପୋଡିଜଳି ପାଉଁଶ ହୋଇଯାଇଥିଲା । ଏହିକ୍ରମରେ ରାମଚନ୍ଦ୍ର ବେହେରା ନାମକ ଜଣେ ଦୋକାନୀ କ୍ଷତାକ୍ତ ହୋଇ ବାସୁଦେବପୁର ଡାକ୍ତରଖନାରେ ଚିକିତ୍ସିତ ହୋଇଥିଲେ । କିଛି ଦୋକାନୀଙ୍କୁ ଶୋଇଥିବା ଅବସ୍ଥାରେ ଉଦ୍ଧାର କରାଯାଇ ଥିଲା,ଏହି ଘଟଣାକୁ ନେଇ ଘର ମାଲିକଙ୍କ ପୁଅ କ୍ଷୀରୋଦ ଦାଶଙ୍କ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ, ଅଭିଯୋଗକୁ ଆଧାର କରି ଧାରା ୪୩୬,୩୦୭ ଓ ୫୦୬ ବଳରେ ମାମଲା ନଂ ୭୩୩/୨୩ ମୂଳେ ବାସୁଦେବପୁର ଥାନାଧିକାରୀଣୀ ଲୋପାମୁଦ୍ରା ନାୟକ ଘଟଣାର ତଦନ୍ତ କରି ଅଭିଯୁକ୍ତ ଯଦୁନାଥ ବେହେରା ବିରୋଧରେ ଚାର୍ଜସିଟ ମାନ୍ୟବର ଅଦାଲତରେ ଦାଖଲ କରିଥିଲେ । ଉକ୍ତ ମାମଲା ବିଚାରଧୀନ ଥିଲା, କୋର୍ଟ ଦଶଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରିଥିଲେ, ଉକ୍ତ ମାମଲାର ତଥ୍ୟ ପ୍ରମାଣ ଆଧାରରେ ବାସୁଦେବପୁର ସହକାରୀ ଦୌରାଜଜ ଗୁରୁଚରଣ ଜେନାମଣି ଅଭିଯୁକ୍ତ ଯାଦୁନାଥ ବେହେରାଙ୍କୁ ଆଇ ପିସି ର ୪୩୬ ଦଫା ରେ ତିନି ବର୍ଷ କାରାଦଣ୍ଡ ସହିତ ପଚାଶ ହଜାର ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଡସିନାଲ ପିପି କମଳାକାନ୍ତ ମହାପାତ୍ର ଓ ଯୁବ ଆଇନଜିବୀ ଡ଼କ୍ଟର ନୀରଦ ଦାଶ ମାମଲା ପରିଚାଳନା କରିଥିଲା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜିବୀ ଲକ୍ଷ୍ମୀବ୍ରତ ମଲ୍ଲିକ ମାମଲା ପରିଚାଳନା କରିଥିଲେ ।

# ଡ୍ରିମ୍ସ ଆଇଡିଆଲ୍ ସ୍କୁଲରେ ପାଳିତ ହେଲା ଡଃ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଉତ୍ସବ ଓ ସ୍ୱଚ୍ଛ ଭାରତ ଅଭିଯାନ

ବାଲେଶ୍ୱର,୧୫/୧୦(ନି.ପ୍ର) : ଅଦ୍ୟ ତା.୧୫.୧୦.୨୫ରିଖ ପରମ ପୂଜ୍ୟ ମିଶାଇଲା ମ୍ୟାନ୍ ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜୟନ୍ତୀ ସମାରୋହରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲର କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେବାକୁ ଯାଇ ବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଷ୍ଟେସନଛକ ସ୍ଥିତ ଡଃ କଲାମଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉକ୍ତ ଶୋଭାଯାତ୍ରାକୁ ସମ୍ବୋଧିତ କରିଥିଲେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ। ସେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ଡଃ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ ମହୋଦୟ ଯୋଗ ଦେଇ ଡଃ କଲାମଙ୍କ ଆଦର୍ଶ ଗୁଣାବଳୀର ଅବଲୋକନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ। ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବ୍ୱେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଶାନ୍ତି ଲତା ମାଝୀ, ନମିତାବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶୁଭଲକ୍ଷ୍ମୀ ରାଉତ, ଜୟସ୍ମିତା ପଣ୍ଡା, ପୂଜା ପରିଡ଼ା, ମୌସୁମୀ ଚାଟାର୍ଜୀ, ଶରିଫୁଦ୍ଦିନ୍ ମହମ୍ମଦ, ରୋହିତ ନାୟକ, ଯଶୋବନ୍ତ ସିଂ, ମନିଷା ଦାଶ ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟରେ ସହାୟତା କରିଥିଲେ । ତତ୍ପରେ ପିଲାମାନେ ଚାନ୍ଦିପୁର ସ୍ଥିତ ଡଃ କଲାମଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ କର୍ମଚାରୀ ମାନେ ବେଳାଭୂମି ସଫେଇ କରିଥିଲେ । ଚାନ୍ଦିପୁର ବେଳାଭୁମି ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜୀବନ ପ୍ରଦୀପ ଦାଶ, ଉପ ସଭାପତି ଆମ ନ୍ୟୁଜ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପ୍ଳବ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀମାନ ଶ୍ରୀଚନ୍ଦନ ଓ ଶ୍ରୀ ଯୁକ୍ତ ସମରେନ୍ଦ୍ର ନାଥ ଦାସ, ସହ ସମ୍ପାଦକ ଶେଖ ହାଇଦର ସଭ୍ୟ ଶ୍ରୀ କମଳାକାନ୍ତ ମହାରାଜ, ନାଏବ ସରପଞ୍ଚ ଓ ଅନ୍ୟ ସଭ୍ୟମାନେ କାର୍ଯ୍ୟ କ୍ରମରେ ଉପସ୍ଥିତ ଥିଲେ ।




# ଭେଟେରାନ ସୁଟିଂ ପ୍ରତିଯୋଗିତାରେ ଚମ୍ପିୟନ ଭାନୁପ୍ରତାପଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ବାରିପଦା,୧୫/୧୦(ନି.ପ୍ର) : ଦୀର୍ଘ ୩୫ ବର୍ଷ ଧରି ରାଇଫଲ ଚାଳନା ପ୍ରତିଯୋଗିତା ପାଇଁ ଅଭ୍ୟାସ କରିବା ସହ ବିଭିନ୍ନ ସମୟରେ ବିଫଳ ହୋଇ ଶେଷରେ ସଫଳତାର ସ୍ୱାଦ ଚାଖିଲେ ଭାନୁପ୍ରତାପ ଭଞ୍ଜଦେଓ. ତାଳଚେର ଠାରେ ଅନୁଷ୍ଠିତ ଅନୁଗୁଳ ଜିଲ୍ଲା ରାଇଫଲ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୦ ତମ ବାର୍ଷିକ ସୁଟିଂ ପ୍ରତିଯୋଗିତାରେ ଭେଟେରାନ ବର୍ଗରେ ଅଂଶଗ୍ରହଣ କରି ଭାନୁପ୍ରତାପ ୬୫ ବର୍ଷ ବୟସରେ ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟନ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି. ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି. ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସହ ସମ୍ପାଦକ ଅମ୍ବିକା ରାଉତ ଉପସ୍ଥିତ ଥିଲେ. ଶ୍ରୀ ଭଞ୍ଜଦେଓଙ୍କ ଏହି ସଫଳତାର କାହାଣୀ ଆଗାମୀ ଦିନରେ ଯୁବପୀଢ଼ିଙ୍କୁ ରାଇଫଲ ସୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି.



# ଓଡ଼ଙ୍ଗ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ

ଭଦ୍ରକ,୧୫/୧୦(ନି.ପ୍ର) : ସୁରଭି ଜୟକୃଷ୍ଣ ନୋଡାଲ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପରମେଶ୍ୱର ପୃଷ୍ଟିଙ୍କ ତତ୍ତ୍ୱାବଧାନ ଓ ମଙ୍ଗୁଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ସରପଂଚ ଲକ୍ଷ୍ମୀପ୍ରିୟା ଦାସ, ସରମରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମମତାରାଣୀ ମଲ୍ଲିକ, ସମାଜସେବୀ ରାଜୀବ ଲୋଚନ ଜେନା, ଓଡ଼ଙ୍ଗ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବାନନ୍ଦ ମୁଣ୍ଡା, ହଳଧର ସେଠୀ, ବାରିଅଲ ଟୁଡୁ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମଲ୍ଲିକ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ସତ୍ୟବାନ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ତରଣୀସେନ ବେହେରା ମଂଚ ପରିଚାଳନା କରିଥିବା ବେଳେ କାଦବରାଙ୍ଗ ଓ ନରାଜପୁର କ୍ଲଷ୍ଟର ସିଆରସିସି ପ୍ରଦୀପ ପଲାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସତ୍ୟାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୧୦ ଗୋଟି ବିଦ୍ୟାଳୟର ପ୍ରାୟ ୧୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଆୟୋଜିତ ୨୨ ଗୋଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୋଫାବିବି କ୍ଲଷ୍ଟର ସିଆରସିସି ନିରଞ୍ଜନ ଖିଲାର, ନିରଞ୍ଜନ ବେହେରା, ସୂର୍ଯ୍ୟ ମଣି ଜେନା, ପ୍ରତିମା ରାଣୀ ପାତ୍ର, ପ୍ରେମଲତା ଜେନା,ଅମିତା ସାହୁ, ରଂଜିତ ମଲ୍ଲିକ,ମାନସ ରଞ୍ଜନ ସେଠୀ, ବାସନ୍ତୀ ଲତା ପ୍ରଧାନ, ଶ୍ରୀଧର ପଣ୍ଡା,ଅନୁସୟା ଜେନା, ମହାମାୟା ଜେନା, ଆମରକୁମାର ସ୍ୱାଇଁ, ପ୍ରମୋଦ କୁମାର ରାଉତ, ନିରଞ୍ଜନ ରାଉତ, ଦିବ୍ୟଜ୍ୟୋତି ଜେନା ପ୍ରମୁଖ ବିଚାରକ କାର୍ଯ୍ୟ ତୁଲାଇଥିଲେ।




# ଲଙ୍ଗଳେଶ୍ୱରରେ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ପାଳିତ

ଲଙ୍ଗଳେଶ୍ୱର,୧୫/୧୦ (ନି.ପ୍ର) : ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଅଧିନସ୍ଥ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆ ଠାରେ ହର ପାର୍ବତୀ କ୍ଲବ୍ ଆନୁକୂଲ୍ୟରେ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ହର ପାର୍ବତୀ କ୍ଲବ୍ ର ସଭାପତି ତୁଷାର କାନ୍ତ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଆମ ମାନଙ୍କ ମଧ୍ୟରେ ଥିବା ହିଂସା, ଦ୍ୱେଷ ଓ ଅହଂକାର ସ୍ୱରୂପର ରାବଣକୁ ଜାଳି ସ୍ନେହ, ପ୍ରୀତି, ମୈତ୍ରୀରେ ପରସ୍ପର ସହ ବାନ୍ଧି ହେବା ପାଇଁ ସମସ୍ତଙ୍କୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟିକା ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସିଂଲା ଥାନାଧିକାରୀ ଆଲୋକ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ବଣିଆଡ଼ିହା ସରପଞ୍ଚ କାଳି ଚରଣ ଜେନା, ସମିତି ସଦସ୍ୟ କଟି ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲଙ୍ଗଳେଶ୍ୱର ହର ପାର୍ବତୀ କ୍ଲବ୍ର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଜନ ସମାଗମ ଦେଖିବାକୁ ମିଳିଥିଲା। ଶେଷରେ ମେଲୋଡି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




# ଆଇଟିଡିଏ ତେଲଚୋରୀ ଘଟଣାର ଗୁମର ଖୋଲିଲା ସୂଚନା ତଥ୍ୟ: କେତେ ପ୍ରମାଣ ପାଇଲାପରେ କାର୍ଯ୍ୟାନୁଷ୍ଠାନ ନେବେ ଜିଲ୍ଲାପାଳ ?

ନୀଳଗିରି,୧୫/୧୦(ନି.ପ୍ର) : ଚୋର ଚୋରୀକଲା ବେଳେ କିଛି ପ୍ରମାଣ ଛାଡ଼ିଦେବା ଭଳି ନୀଳଗିରିର ଆଇଟିଡିଏର ତତ୍କାଳୀନ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କର ତେଲ ଚୋରି ଘଟଣା ଉପରେ ଗୋଟିଏ ପରେ ଗୋଟିଏ ପ୍ରମାଣ ସାମ୍ନାକୁ ଆସୁଥିବା ବେଳେ ଜିଲ୍ଲାପାଳ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅଧିକାର କର୍ମୀ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଦ୍ୱାରା ମିଳିଥିବା ସୂଚନାଆଇନ ତଥ୍ୟରୁ ଜଣାପଡିଛି ଯେ ଗତ ୩୦.୭.୨୦୨୫ ରିଖରେ ଶ୍ରୀଯୁକ୍ତ ଉପାଧ୍ୟାୟ ଆଇ ଟି ଡି ଏରୁ ଡିଜେଲ ବିଲ ନେଇ ସରକାରୀ ଗାଡ଼ିରେ ତେଲ ନପକାଇ ନିଜଗାଡ଼ିରେ ଡିଜେଲ ପରିବର୍ତ୍ତେ ପେଟ୍ରୋଲ ପକାଇବା ଓ ଅବଶିଷ୍ଟ ପେଟ୍ରୋଲକୁ ଜାର୍କିନରେ ଭରି ନେଇଯିବା ସିସି କ୍ୟାମେରାରେ କଏଦ ହେବାପରେ ମଧ କାର୍ଯ୍ୟାନୁଷ୍ଠାନ ନନିଆଯିବା ତାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି ।ଜିଲ୍ଲାପାଳ ଘଟଣାକୁ ଚପାଇ ଦେବାକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଥିବା ବେଳେ ସୂଚନା ଅଧିକାର ଆଇନ ତଥ୍ୟରୁ ମିଳିଥିବା ତଥ୍ୟରେ ଗତ ୩୦ତାରିଖ ଦିନ ଶ୍ରୀ ଉପାଧ୍ୟାୟ ଆଇ ଟି ଡି ଏ ଅଫିସରୁ ଡିଜେଲ ବିଲ ନେଇଥିବାର ଉଲ୍ଲେଖ ରହିଛି। ଏନେଇ ଗଣମାଧ୍ୟମରେ ବାରମ୍ବାର ତେଲଚୋରୀ ନେଇ ଖବର ପ୍ରସାରଣ ପରେ ପେଟ୍ରୋଲ ପମ୍ପ ମାଲିକକୁ ଧରି ନାଲି ରସିଦ ବଦଳରେ ହଠାତ୍ ହଳଦିଆ ରସିଦ ବଦଳିଗଲା କେମିତି ? ଆଇଟିଡି ଏରୁ ଇସୁ ହୋଇଥିବା ୪୦ ଲିଟରେ ଡିଜେଲ କେଉଁ ଗାଡ଼ିରେ ପଡ଼ିଲା। ଉକ୍ତ ଦିବସରେ ଆଇଟିଡିଏ ତରଫରୁ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ସପକ୍ଷରେ ଇସ୍ୟୁ ହୋଇଥିବା ଡିଜେଲ ରସିଦର ଡିଜେଲ ଗଲା କୁଆଡେ ? ଯଦି ଯନ୍ତ୍ରୀ ମହାଶୟ ଜଣକ ନିଜ ଗାଡିରେ ନିଜ ଟଙ୍କାରେ ପେଟ୍ରୋଲ ପକାଇଥିଲେ ତେବେ ଉକ୍ତ ଦିବସରେ ଇସ୍ୟୁ ହୋଇଥିବା ଡିଜେଲ ଗଲା କୁଆଡେ ? ତଦନ୍ତକରି ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ସେତେବେଳେ ଘଟଣାରେ ଅନିୟମିତତା ହୋଇଥିବା ସୂଚନା ଦେଇଥିବା ବେଳେ ପୁଣି କାହା ଚାପରେ ମତ ପରିବର୍ତ୍ତନ କରି ଯନ୍ତ୍ରୀଙ୍କୁ କ୍ଲିନଚିଟ ଦେଲେ ତାହା ମଧ ତଦନ୍ତ ସାପେକ୍ଷ। ଯଦି ଅଫିସ ଗାଡ଼ିରେ ୩୦.୭.୨୦୨୫ରିଖରେ ତେଲ ପଡ଼ିଥାଏ ତେବେ ସିସି ଟିଭି ଫୁଟେଜ ତଦନ୍ତକାରୀ ଅଧିକାରୀ ଯାଞ୍ଚ୍ କରିଥିଲେକି ? ଏସବୁକୁ ଜିଲ୍ଲପାଳ ଦୃଷ୍ଟି ଦେଉନଥିବାରୁ ରାଜ୍ୟ ସରକାର ଦୃଷ୍ଟି ଦେଇ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।






❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida